# ମୌଳିକ ସୁବିଧାରୁ ବଞ୍ଚିତ ୧୫୦ ପରିବାର



**ରାୟଗଡ଼ା,୨୩ା୧(ସମିସ)**

ସ୍ୱାଧୀନତାର ୭୪ବର୍ଷ ବିତିଯିବା ସତ୍ତ୍ୱେ ଗ୍ରାମବାସୀ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମବାସୀ ଆସନ୍ତାକାଲି(ବୁଧବାର) ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନଶନରେ ବସିବା ଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏନେଇ ରାୟଗଡ଼ା ସହରର ଗାୟତ୍ରୀନଗରର ଗାୟତ୍ରୀ ଶକ୍ତିପୀଠ ସମ୍ମିଳନୀ କକ୍ଷରେ ସମାଜସେବୀ ବଳରାମ ପଣ୍ଡାଙ୍କ ନେତୃତ୍ୱରେ ଟଙ୍କଧର ସାହୁ, କାନ୍ତ ମାଝି ଓ ଶଙ୍କର ମାଝି ପ୍ରମୁଖ କାହ୍ନୁଗୁଡ଼ା ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। କାହ୍ନୁଗୁଡ଼ା ସତ୍ୟାଗ୍ରହ ଜାରି ରହିବ ବୋଲି ଟଙ୍କଧର ପ୍ରକାଶ କରିଛନ୍ତି। ଗ୍ରାମବାସୀ ସର୍ବସମ୍ମତି କ୍ରମେ ପଲ୍ଲୀସଭାରେ ୫ଦଫା ଦାବି ପୂରଣ ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ଏହି

**● ଗାଁ ଲୋକଙ୍କ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନଶନ ଆଜି**

ଗ୍ରାମର ଆବାଳବୃଦ୍ଧବନିତା ସମସ୍ତେ ଦୀର୍ଘ ୨୨କିଲୋମିଟର ଦୂରରେ ଥିବା କାଶୀପୁର ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରି ସେଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ ଅନଶନ ଆରମ୍ଭ କରିବେ। ଗଣତନ୍ତ୍ର ଦିବସରେ ମଧ୍ୟ ଗ୍ରାମବାସୀଙ୍କ ୫ଦଫା ଦାବି ମଧ୍ୟରେ କାହ୍ନୁଗୁଡ଼ା ଗ୍ରାମରୁ ଜଣେ ଶିକ୍ଷିତ ମହିଳାଙ୍କୁ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତ ଦେବା ସହ ସେ ଯେମିତି ନିୟମିତ କେନ୍ଦ୍ର ପରିଚାଳନା କରିବେ ଏବଂ ସରକାରୀ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବେ, ଗ୍ରାମରେ ୧୫୦ ପରିବାରକୁ ଅତି କମରେ ଆଉ ୨ଟି ନଳକୂପ ଓ ବିଦ୍ୟାଳୟ ପାଇଁ ଆଉ ଗୋଟିଏ ନଳକୂପର ବ୍ୟବସ୍ଥା କରିବା, ଗ୍ରାମ ବିଦ୍ୟାଳୟରେ ୨ଜଣ ସ୍ଥାୟୀ ଶିକ୍ଷକଙ୍କୁ ନିୟମିତ ଶିକ୍ଷାଦାନ ନିମନ୍ତେ ନିଯୁକ୍ତ କରିବା, ଗ୍ରାମରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପଣ କରି କାର୍ଯ୍ୟକ୍ଷମ କରିବା ଏବଂ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ କାହ୍ନୁଗୁଡ଼ା ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଓ ସତ୍ୟବାଦୀ ନାଳ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ଦାବି କରାଯାଇଛି। ପାନୀୟ ଜଳ, ଗ୍ରାମକୁ ପକ୍କା ସଡ଼କ, ଅଙ୍ଗନବାଡ଼ି କେନ୍ଦ୍ର, ଶିକ୍ଷା ଦାନ ନିମନ୍ତେ ଶିକ୍ଷକ, ସ୍ୱାସ୍ଥ୍ୟ ସେବା ନିମନ୍ତେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଅନେକ ମୌଳିକ ସୁବିଧା ନିମନ୍ତେ କାହ୍ନୁଗୁଡ଼ା ଗ୍ରାମବାସୀ ଦୀର୍ଘ ୨ବର୍ଷ ଧରି ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ଜିଲ୍ଲାପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ପାଖେ ଗୁହାରି କରି ନୟାନ୍ତ ହୋଇଥିଲେ ମଧ୍ୟ କେହି ବି କାହ୍ନୁଗୁଡ଼ା ଗ୍ରାମବାସୀଙ୍କ ଦୁଃଖକୁ ଶୁଣନାହାନ୍ତି। ଫଳରେ ଅସହ୍ୟ ଯନ୍ତ୍ରଣାମୟ ଜୀବନ ବଞ୍ଚିବାର ବିକଳ୍ପ ଖୋଜି ପାରୁନାହାନ୍ତି ଗ୍ରାମବାସୀ। ଗାଁ ଲୋକଙ୍କ ସାମ୍ନାରେ ନିଜ ହକ୍ ସାବସ୍ତ ପାଇଁ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ରାସ୍ତା ଏକମାତ୍ର ବିକଳ୍ପ। ଯଦି ସତ୍ୟାଗ୍ରହ ରାସ୍ତାରେ ଦାବି ହାସଲ ନ କରିପାରିବୁ ତାହା ହେଲେ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ଭିକ୍ଷା କରିବୁ ଏହା ଆମର ଚରମ ନିଷ୍ପତ୍ତି ବୋଲି ଟଙ୍କଧର, ଶଙ୍କରା ଓ କାନ୍ତିମାଝି କାହ୍ନୁଗୁଡ଼ା ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପାପଡ଼ାହାଣ୍ଡି, ୨୩ା୧(ସମିସ):** ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ଗତକାଲି ସନ୍ଧ୍ୟା ୭ଟାରେ ସେ ଦୁର୍ଘଟଣାର ଶିକାର ହୋଇଥିବାବେଳେ ଆଜି ଭୋର ୫ଟାରେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାପଡ଼ାହାଣ୍ଡି ଗ୍ରାମର ଫକୀର ସତନାମୀ କୌଣସି କାର୍ଯ୍ୟ ପାଇଁ ନିକଟସ୍ଥ ଜାମ୍ବୁଗୁଡା ଗ୍ରାମକୁ ଯାଇଥିଲେ। ଫେରିବାକୁ କୌଣସି ଗାଡି ପାଇ ନଥିଲେ। ପରେ ସେ ପାପଡ଼ାହାଣ୍ଡି ଚାଲିଚାଲି ଆସୁଥିବା ସମୟରେ ଜାମ୍ବୁଗୁଡା ନିକଟସ୍ଥ ଏକ କଲଭର୍ଟ ପାଖରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଏହାଦେଖି ବୃଦ୍ଧାଙ୍କୁ ଏକ ଘରୋଇ ଗାଡ଼ିରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଘର ଲୋକେ ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସେଠାରୁ ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଇ କୋରାପୁଟ ସ୍ଥାନାନ୍ତର କରିଥିଲେ। ଆଜି ବୃଦ୍ଧଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଡାବୁଗାଁ ଥାନାରେ ତାଙ୍କ ପୁତୁରା ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ତାଙ୍କର ପାପଡ଼ାହାଣ୍ଡି ମଶାଣିରେ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ପରିବାର ଲୋକେ ଅଜଣା ଗାଡିକୁ ଧରିବାକୁ ଏବଂ ରେଡକ୍ରସ ତରଫରୁ ସହାୟତା କାମନା କରିଛନ୍ତି।

**● ସହିଦ ଲକ୍ଷ୍ମଣ ନାଏକଙ୍କ ଜନ୍ମମାଟିରୁ ମାଲକାନଗିରି ଗସ୍ତ**

# ସ୍ୱଚ୍ଛ ଭାରତର ବାର୍ତ୍ତା ନେଇ ଚିନ୍ନା ରାଓଙ୍କ ସାଇକଲ ଯାତ୍ରା



**ମାଲକାନଗିରି, ୨୩ା୧(ସମିସ):** ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତର ବାର୍ତ୍ତା ନେଇ ସାଇକେଲରେ ଯାତ୍ରା କରି ଜନସାଧାରଣଙ୍କୁ ସଚେତନ କରାଇଛନ୍ତି କୋରାପୁଟ ଜିଲ୍ଲା ସିମିଳିଗୁଡା ଗ୍ରାମର ଏସ. ଚିନ୍ନା ରାଓ। ୫୭ ବର୍ଷୀୟ ଚିନ୍ନା ରାଓ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳିଗୁମାଠାରୁ ଦୀର୍ଘ ୭୭ କିଲୋମିଟର ଦୂର ମାଲକାନଗିରି ଜିଲ୍ଲାକୁ ସେ ସାଇକେଲରେ ଯାତ୍ରା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ଦେଶ ଓ ରାଜ୍ୟ ଗୁଡ଼ିକରେ ପରିବେଶ ଦୂଷିତ ହେବା ସହିତ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ପ୍ରତ୍ୟେକ ସ୍ଥାନରେ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରିବା, ପ୍ଲାଷ୍ଟିକ ଜରି ବର୍ଜନ କରି ପରିବେଶକୁ ସୁରକ୍ଷିତ ରଖିବା ସହିତ ସ୍ୱଚ୍ଛ ଭାରତର ସଚେତନତା ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ତାଙ୍କ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀ ରାଓ ତେନ୍ତୁଳିଗୁମାରେ ପହଞ୍ଚିବାରେ ସେଠାରେ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସହିଦଙ୍କ ପରିବାରଙ୍କୁ ଭେଟି ତେନ୍ତୁଳିଗୁମା ଗ୍ରାମରେ କିଛି ବୃକ୍ଷ ରୋପଣ କରିଥିଲେ। ସେଠାରୁ ମାଲକାନଗିରି ଗସ୍ତରେ ଯାଇ ପହଞ୍ଚିବାରେ ସ୍ଥାନୀୟ ସୁବାଷ ବୋଷ ଛକଠାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ମାଲକାନଗିରିର ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସୁବାଷ ବୋଷ ଟାଉନ କ୍ଲବର ସଦସ୍ୟମାନେ ଶ୍ରୀ ରାଓଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ରାଓ ଜଣେ ବହୁମୁଖୀ ପ୍ରତିଭାର ବ୍ୟକ୍ତି ଅଟନ୍ତି। ପୂର୍ବରୁ ସେ ଦେଓମାଳି ଓ ପୁଟଶିଲ ପର୍ବତ ଆରୋହଣ କରି ବିଏସଏଫ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

**କାକିରିଗୁମା,୨୩ା୧(ସମିସ):** କୋରାପୁଟ ଜିଲ୍ଲା କାକିରିଗୁମା ଥାନା ଅନ୍ତର୍ଗତ ପଞ୍ଚଡା ଗ୍ରାମରେ ମଙ୍ଗଳବାର ଦଶାହ କାର୍ଯ୍ୟ ଚାଲିଥିବା ସମୟରେ ପରିବାର ଲୋକେ ଉକ୍ତ କାର୍ଯ୍ୟକ୍ରମରେ ଥିଲେ। ଘରେ କେହି ନଥିବା ସୁଯୋଗ ଦେଖି କୈଳାସ ବିଷୋୟୀ ନିଜ ଘରେ ମଧ୍ୟାହ୍ନରେ ଆତ୍ମହତ୍ୟା କରିଥିଲେ। ସ୍ୱାମୀଙ୍କ ଝୁଲନ୍ତା ଶବକୁ ଦେଖି ସ୍ତ୍ରୀ ଚିତ୍କାର କରିଥିଲେ। ଆଖପାଖରେ ଲୋକ ପହଞ୍ଚି ଶବକୁ ଉଦ୍ଧାର କରିବା ପରେ ପରିବାର ଲୋକେ କାକିରିଗୁମା ଥାନାରେ ଏତଲା ପ୍ରଦାନ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆତ୍ମହତ୍ୟାର କାରଣ ନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରମିଳା ବିଡିକା ସୂଚନା ପ୍ରଦାନ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ବୋରିଗୁମ୍ମା, ୨୩ା୧(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଉକ୍ତ କାର୍ଯ୍ୟକ୍ରମର ସଭାପତି ସବିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସୃଜନଶୀଳତା ଉତ୍ସବର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପଦ୍ମଭୂଷଣ ଦାସ ଓ ମନ୍ମଥ ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥିମାନେ ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ, କ୍ରୀଡାଙ୍ଗନା କ୍ଲବ ବୁଲି ଦେଖିବା ପରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ନିଶ୍ଚିତ ଆଗକୁ ଆସିବ ଏଥିରେ ସନ୍ଦେହ ନାହିଁ ବୋଲି ଅତିଥି ମାନେ ପରିପ୍ରକାଶ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭିକା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରଜତ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବିଇଓ ସଚିନ କୁମାର ମଲ୍ଲିକ, ଅଧ୍ୟାପକ ପଦ୍ମଭୂଷଣ ଦାସ ଯୋଗ ଦେଇ ନିଜର ମତ ରଖିଥିଲେ। ପ୍ରତି କ୍ଲବର ପ୍ରଥମ ପାଞ୍ଚ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସାହିତ୍ୟ ସୃଜନୀରେ ୬୦୦ଟି ପ୍ରକଳ୍ପ, ଜିଜ୍ଞାସା କ୍ଲବରେ ୨୦୦ଟି ପ୍ରକଳ୍ପ, କୌଶଳୀରେ ୧୫୦ଟି ପ୍ରକଳ୍ପ, କ୍ରୀଡାଙ୍ଗନା କ୍ଲବରେ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ଉତ୍ସବରେ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଗୌରୀ ସାମନ୍ତରାୟ, ସିଦ୍ଧାର୍ଥ ଗନ୍ତାୟତ, ନୃସିଂହ ଚରଣ ନାୟକ, ଘନଶ୍ୟାମ ସାହୁ, ଶିକ୍ଷୟିତ୍ରୀ ପ୍ରଭାସିନୀ ବେହେରା, ସୁପ୍ରଭା ପଣ୍ଡା, ସୁପ୍ରଭା ମହାକୁଡ଼, ରଞ୍ଜିତା ପାଢ଼ୀ, ଏଲିନା ମିଶ୍ର, ରଜନୀ ପରିଡ଼ା, ରାଜେଶ୍ୱରୀ ନାୟକ, ଶୁଭଦର୍ଶିନୀ ପଣ୍ଡା ଓ ବିଜୟଲକ୍ଷ୍ମୀ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନବରଙ୍ଗପୁର ଓକିଲ ସଂଘର ବନ୍ଧୁମିଳନ

**ନବରଙ୍ଗପୁର, ୨୩ା୧(ସମିସ):**

ନବରଙ୍ଗପୁର ବାର ଏସୋସିସନ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଡକରା ଦୋରା ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡୋକରା ଦୋରା ଜଳପ୍ରପାତ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓକିଲ ସଙ୍ଘ ସଭାପତି ନରସିଂହ ତ୍ରିପାଠୀ, ଉପସଭାପତି ହରି ନାରାୟଣ ବେହେରା, ସମ୍ପାଦକ ତପନ ସିଂ, ସହ ସମ୍ପାଦକ ସନ୍ଦୀପ ମିଶ୍ର, କୋଷାଧ୍ୟକ୍ଷ ଅନିଲ ଦୀନବନ୍ଧୁ, କାର୍ଯ୍ୟକାରୀ ସଦସ୍ୟ ସତୀଶ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କୌତୁକ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଘର ସଭ୍ୟ ସଭ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏହାକୁ ଆୟୋଜକ ଆଇନଜୀବୀ ସୁବୋଧ ବେନିୟା ପରିଚାଳନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ କୃତୀ ପ୍ରତିଯୋଗୀଙ୍କୁ ଉପହାର ପୁରସ୍କୃତ କରିଥିଲେ। ଏହି ଅବସରରେ ସଙ୍ଘର ବରିଷ୍ଠ ସଦସ୍ୟ ସ୍ୱାଧୀନ ପଟ୍ଟନାୟକ, ଦିଲ୍ଲୀପ ବେହେରା, ରାମ ବାବୁ ପଟ୍ଟନାୟକ, ରାମା ରାଓଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ବାର କାଉନସିଲ ସଦସ୍ୟ ରମେଶ ପାତ୍ରଙ୍କୁ ବରିଷ୍ଠ ଆଇନଜୀବୀ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସମରେଶ ଗନ୍ତାୟତ, ପ୍ରସନ୍ନ ପଟ୍ଟନାୟକ, ଶଶିଗିରି ରାଓ, ସନ୍ତୋଷ ମିଶ୍ର, ସିରାଜୁଦ୍ଦିନ ଅହମଦ, ନରେନ୍ଦ୍ର ମହାପାତ୍ର, ସୁକାନ୍ତ ଶତପଥି, ସିମାଞ୍ଚଳ ପାତ୍ର, ତାରିଣୀ ଦାଶ, ପ୍ରଦୀପ ସାହୁ, କିଶୋର କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଏ ସତୀଶ, ମିନାକ୍ଷୀ ପାଢ଼ୀ, ଶର୍ମିଷ୍ଠା ରଥ, ରାକ୍ଷୀ ଜୈନ, ଶତାବ୍ଦୀ ପାଳ, ପ୍ରୀତି ଚୌଧୁରୀ, ନିକିତା ତ୍ରିପାଠୀ, ଅଜିତା ଦାଶ, ପ୍ରତାପ ପଣ୍ଡା, ସିଲୁ ପାତ୍ର, ଶ୍ରୀକାନ୍ତ ପଣ୍ଡା, ପ୍ରଫୁଲ୍ଲ ସିଂ, ସଞ୍ଜୀବ ଭକ୍ତ, ଗୋପାଳ ଶତପଥୀ, ଗୋପାଳ ପାଣିଗ୍ରାହୀ, ମୁନା ମାଝୀ, ଶ୍ରୀନିବାସ ପାତ୍ର, ଗୋପାଳ ନାୟକ, ସୂରଜ ସାହୁ, ବିଧୁଶେଖର ତ୍ରିପାଠୀ, ଚନ୍ଦ୍ର ଶେଖର ରାଓ, ରାମ ନାୟକ, ଜାହିର ସଂଗ୍ରାମ ପଟ୍ଟନାୟକ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# କାର ଧକ୍କାରେ ବାଇକ୍ ଚାଳକ ମୃତ, ଦୁଇ ଝିଅ ଗୁରୁତର



**ନନ୍ଦପୁର, ୨୩ା୧(ସମିସ):** ନନ୍ଦପୁର ଅଧିନସ୍ଥ ବିଳାପୁଟ ଗ୍ରାମ ନିକଟରେ ଏକ ବାଇକ୍ ସହ ମିନି କାର ମୁହାମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ରେ ବସିଥିବା ଦୁଇ ଝିଅ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ସୁର୍ମି ଗ୍ରାମର ହୀରାନା ନିର୍କୀ ବୋଲି ଜଣାପଡ଼ିଥିବା ବେଳେ ମଙ୍ଗଳବାର ହୀରାନା ନିର୍କି ନନ୍ଦପୁର ବ୍ଲକର ସିଲପଣ୍ଡି ଆଶ୍ରମ ବିଦ୍ୟାଳୟରୁ ଦୁଇ ଝିଅଙ୍କୁ ନେଇ ଘରକୁ ଫେରୁଥିବା ସମୟରେ ଏକ ଓମିନି କାର ତାଙ୍କୁ ଧକ୍କା ଦେଇଥିଲା। ସେଠାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତିନିଜଣଙ୍କୁ ଉଦ୍ଧାର କରି ଲମତାପୁଟ ଆଶାକିରଣ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହୀରାନାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଝିଅଙ୍କ ମଧ୍ୟରୁ ଗୋଟିଏ ଝିଅର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଜଲାପୁଟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରଛି।

# ଗୋଡିଗୁଡ଼ା ଓ ଆରସାକାନୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




**ବିଷମକଟକ,୨୩ା୧(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଗୋଡିଗୁଡ଼ା ଓ ଆରସକାନୀ ସରକରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆରସକାନୀ ଉଚ୍ଚ ବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର କୁମାର ଦାଶ, ବ୍ଲକ୍ ଅଧକ୍ଷା ଯଶୋଦା ହୁଇକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଚାଟିକୋଣ ସରପଞ୍ଚ ପି.କିରଣ ଲତା, ଜିଲ୍ଲା ମଣ୍ଡଳାଧିଶ ରାୟଗଡ଼ା ଜୋନ୍ ଶ୍ୟାମଘନ ଭୂୟାଁ, ବ୍ଲକ୍ ମଙ୍ଗଳ ଅଧିକାରୀ ଶୁଭପ୍ରଦା ଶାସମଲ, କୁର୍ଲି ନିୟମଗିରି ସରପଞ୍ଚ ଶୁଭଧ୍ୱନି ୱାଡ଼ାକା, ସ୍ୱତନ୍ତ୍ର ଆଦିବାସୀ ପରିଷଦ ସଦସ୍ୟ ଲହରୀ କୁମ୍ବିକା, ଡମ୍ବରୁଧର ଚୌଧୁରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୁ ମେଲେକା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହ ପରିଶ୍ରମ କଲେ ସଫଳତା ମିଳିବ ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସାରକା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ତରଫରୁ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟଳୟର ବରିଷ୍ଠ ଶିକ୍ଷକ ରମେଶ ଟିଆଡି ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଅତିରିକ୍ତ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅନୁରୂପ ଭାବେ ଗଡିଗୁଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମନ୍ତ୍ରୀ ସାରାକା ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ସାରକା ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁମଣି ଶବର ମଞ୍ଚରେ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ତ୍ରିପତି ହିକକା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ବିଜେପିକୁ ବିରୋଧ କରି ଜିଲ୍ଲା କଂଗ୍ରେସର ବିକ୍ଷୋଭ

**ଡାବୁଗାଁ, ୨୩ା୧(ସମିସ)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ଆନୁକୂଲ୍ୟରେ ଏକ ବିକ୍ଷୋଭ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ଆକ୍ରମଣକୁ ନିନ୍ଦା କରି କଂଗ୍ରେସ ତରଫରୁ ଏକ ଶୋଭାଯାତ୍ରା ହୋଇଛି। ଏହା ଡାବୁଗାଁ ପଥପ୍ରାନ୍ତ ସୁବିଧା କେନ୍ଦ୍ରରୁ ବାହାରି ବସଷ୍ଟାଣ୍ଡରେ ବିକ୍ଷୋଭ କରିବା ସହ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପରେ ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନବରଙ୍ଗପୁର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଡା. ଲିପିକା ମାଝିଙ୍କ ଦ୍ୱାରା ରୋଜଗାର ଦିଅ, ନ୍ୟାୟ ଦିଅ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମନୋରଞ୍ଜନ ତ୍ରିପାଠୀ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଫିରୋଜ ଖାନ, ନନ୍ଦହାଣ୍ଡି ସଭାପତି ବୃନ୍ଦାବନ ତ୍ରିପାଠୀ, ତେନ୍ତୁଳିଖୁଣ୍ଟିର ପ୍ରହ୍ଲାଦ ହିଆଲ, ପାପଡ଼ାହାଣ୍ଡିର ଶ୍ରୀକାନ୍ତ ମିଶ୍ର, କୋଷାଗୁମୁଡାର ପଦମସାଏ ମାଳୀ, ଡାବୁଗାଁର ଜି.ସାଇ ରାଜୁ, ଝରିଗାଁର ତମ୍ବୁନାଥ ପନକା, ପିସିସି ସଭ୍ୟ ଧରମ ସିଂ ଓ ହାରାବତୀ ଗଣ୍ଡ, ଜିଲା ସମ୍ପାଦକ ବାବି ଜେନା, ଜିଲ୍ଲା ମହିଳା ସଭାନେତ୍ରୀ ଗୀତାମଣି ସମରଥ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ପି. ନାଗାରତ୍ନା, ଦିବାକର ପୂଜାରୀ, ଦିଲ୍ଲୀପ ପ୍ରଧାନୀ, ଡାବୁଗାଁ ଜୋନ -୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ -୨ ସଭାପତି ବଂଶୀଧର ମାଝି, ବ୍ଲକ ଉପସଭାପତି ଧର୍ମାନନ୍ଦ ନାୟକ ଓ କୃଷ୍ଣ ପନକା, ଶଶିଧର ମାଝି, ଆଶୁତୋଷ ଜେନା, ନୁରେନ ତନ୍ତୀ, ରାମେଶ୍ୱର ପାଣିଗ୍ରାହୀ, ଆକବର ଖାନ, ଘୋଡାଖୁଣ୍ଟା ସରପଞ୍ଚ ଲୀଳାଦେଇ ମାଝି, ବଡକୋଇଲାରି ସରପଞ୍ଚ ଚନ୍ଦ୍ରୀ ଭତରା ଏବଂ ଜିଲାର ସମସ୍ତ ବ୍ଲକ ର ଜୋନ ସଭାପତି ଓ କର୍ମୀ ମାନେ ଯୋଗ ଦେଇଥିଲେ।

# ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟାଙ୍କ ପଡ଼ିଆ ଗସ୍ତ



**ପଡ଼ିଆ, ୨୩ା୧(ସମିସ):** ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ଏକାଧିକ ଗ୍ରାମକୁ ଗସ୍ତ କରି ବିଭିନ୍ନ ପ୍ରକଳ୍ପକୁ ଉଦ୍ଘାଟନ କରିଛନ୍ତି। ଏଥିପାଇଁ ଆଜି ସକାଳୁ ନିଲିଗୁଡ଼ା ପଞ୍ଚାୟତ ସଦର ମହକୁମାରେ ପହଞ୍ଚି ଉନ୍ନୟନ ପରିଷଦ ପକ୍ଷରୁ ନିର୍ମିତ ଗ୍ରାମଦେବୀ ମନ୍ଦିର ଉଦ୍ଘାଟନ କରିଥିଲେ। ଏହାପରେ ନିଲିଗୁଡ଼ା ପଞ୍ଚାୟତର କମାରଗୁଡ଼ା, ମାଟେରୁ ଗ୍ରାମ ପଞ୍ଚାୟତର ମେଟାଗୁଡ଼ା, ପଡ଼ିଆ ଗ୍ରାମର କମାରଗୁଡ଼ା, କାଲଦାପଲ୍ଲୀ ଗ୍ରାମ ପଞ୍ଚାୟତର କୋଲାଗୋଣ୍ଡା, ଶିମିଳିବାଞ୍ଚା ଗ୍ରାମପଞ୍ଚାୟତର ହାଟପଦାଛକ ଓ ଗିରିକାନପଲ୍ଲୀ ପଞ୍ଚାୟତର ପେଦାଗୁଡ଼ା ଗ୍ରାମରେ ନିର୍ମିତ ହୋଇଥିବା ଗ୍ରାମଦେବୀ ମନ୍ଦିରଗୁଡ଼ିକୁ ଉଦ୍ଘାଟନ କରିବା ସହ ସ୍ଥାନୀୟ ଅଞ୍ଚଳର ଆଦିବାସୀ ନେତୃବୃନ୍ଦଙ୍କ ସହ ଭେଟି କୋୟା ସମୁଦାୟଙ୍କ ବିଭିନ୍ନ ସଂସ୍କୃତି ଓ ପରମ୍ପରା ବାବଦରେ ଆଲୋଚନା କରିବା ସହ ସ୍ଥାନୀୟ ଅଞ୍ଚଳରେ ଦେଖା ଦେଉଥିବା ସମସ୍ୟା ବାବଦରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ପଡ଼ିଆ ବ୍ଲକର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକର ବିକାଶ ଦିଗରେ ରାଜ୍ୟ ଉନ୍ନୟନ ପରିଷଦ ଦ୍ରୁତ ଆଗଭର ହେବ ବୋଲି ଶ୍ରୀ ମାଝୀ ଆଦିବାସୀ ନେତୃବୃନ୍ଦଙ୍କୁ ଆଶ୍ୱସନା ଦେଇଥିଲେ। ଏହାପରେ ଆଠଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗ୍ରସ୍ତ କରି ବୈଠକ ମାଧ୍ୟମରେ ଜନସାଧାରଣ ଓ ଦଳୀୟ କର୍ମୀଙ୍କ ସହ ଭେଟି ଆଲୋଚନା ମଧ୍ୟ କରିଥିବା ଦେଖିବାକୁ ମିଳିଛି। ପଡ଼ିଆ ବ୍ଲକ ବିଜେଡି ସଭାପତି ଏମଡି ଫାରୁକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଗୁଡ଼ିକରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ମଧ୍ୟ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଶ୍ରୀ ମାଝିଙ୍କ ଏହି ଗସ୍ତବେଳେ ମାଲକାନଗିରି ଜିଲ୍ଲା ଉନ୍ନୟନ ପରିଷଦର ଅଧକ୍ଷ ଆଡ଼ମା ଜିଲ୍ଲା ପର୍ଯ୍ୟବେକ୍ଷକ ଲୋରା ମହାପାତ୍ର, ଜିଲ୍ଲା ବିଜେଡି ସଭାପତି ମାନସ ମାଡ଼କାମି, ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବ୍ଲକ୍ ସଭାନେତ୍ରୀ ଦେବେ ମାଡ଼ି, ବ୍ଲକ୍ ସାଂସଦଙ୍କ ପ୍ରତିନିଧି ଟୀନାମ ରାବିଡ଼ କୁମାର, ଜିଲ୍ଲା ସମ୍ପାଦକ ନାକା ନୁକାଲ ରାଜୁ, ମେଷାକ ରବି ମାଦ୍ରୀ, ବ୍ଲକ୍ ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ଅଞ୍ଜନ ବିସ୍‌ବାଶ, ସତ୍ୟନାରାୟଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



# ଭାରସାମ୍ୟ ହରାଇ ସେତୁ ତଳକୁ ଓଲଟିଲା ଭ୍ୟାନ୍; ଦୁଇ ଗୁରୁତର



ବିଷମକଟକ,୨୩।୧(ସମିସ): ଘନକୁହୁଡ଼ି ପାଇଁ ଭାରସାମ୍ୟ ହରାଇ ସେତୁ ତଳକୁ ମିନି ପିକ୍-ଅପ୍ ଭ୍ୟାନ ଓଲଟିପଡ଼ିବା ସହ ଏହି ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ଥାନା ଅଧୀନରେ ଥିବା ମାର୍କମାସେତୁ ଦେଇ ଏକ ମିନି ପିକ୍-ଅପ୍ ଭ୍ୟାନ ବିଷମ କଟକରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଭ୍ୟାନଟି ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ପୁଲିସକୁ ଖବର ଦେବା ପରେ ବିଷମକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନ୍ ଭିତରେ ଚାପିହୋଇ ରହିଥିବା ଦୁଇଜଣଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରିବା ପରେ ସେମାନଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଭ୍ୟାନଟି କଟକ ଜିଲ୍ଲାର ହୋଇଥିବାବେଳେ ଏଥିରେ ଶକ୍ତିପ୍ରସାଦ ପାତ୍ର ଓ ମଣ୍ଟୁ ସ୍ୱାଇଁ ଗୁରୁତର ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ଭ୍ୟାନଟି କେଉଁ କାରଣ ପାଇଁ ସେତୁ ତଳକୁ ଖସି ପଡ଼ିଲା ତାହା ଜଣାପଡ଼ିନଥିବା ବେଳେ ଘନକୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଆନୁମାନ କରାଯାଉଛି। ଉକ୍ତ ଭ୍ୟାନକୁ ପୁଲିସ ଜବତ କରିବା ସହ ଏହାର ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବିଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## କୁଜେନ୍ଦ୍ରୀଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

# ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ

ରାମନାଗୁଡ଼ା,୨୩।୧(ସମିସ)

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁଜେନ୍ଦ୍ରୀ ପଞ୍ଚାୟତସ୍ଥିତ ସରକାରୀ ଏସ୍‌ଏସଡି ଉଚ୍ଚ ବିଦ୍ୟାଳୟ କୁଜେନ୍ଦ୍ରୀଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁଜେନ୍ଦ୍ରୀ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ୧୪ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୧୧ ହିତାଧିକାରୀ ଉପକୃତ ହୋଇଛନ୍ତି। ସେହିପରି କାଳିଆ ଯୋଜନାରେ ୬୭୧ ପରିବାରକୁ ସାମିଲ କରାଯାଇଥିବାବେଳେ ୧୧୨ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଏଥିସହ ମିଶନ ଶକ୍ତି ଦ୍ୱାରା ୧୯ଟି ମିଶନ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୫୩ ଲକ୍ଷ ଟଙ୍କା ବିନା ସୁଧରେ ଋଣ ଦିଆଯାଇଛି। ସେହିପରି ୯୭୮ ପରିବାରଙ୍କୁ ରାସନ କାର୍ଡ ପ୍ରଦାନ କରିବା ସହିତ ମମତା ଯୋଜନା ମାଧ୍ୟମରେ ୧୧୨ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ରାଶି ପ୍ରଦାନ କରାଯାଇଛି। କୁଜେନ୍ଦ୍ରୀରେ ଥିବା ଏସ୍‌ଏସଡି ସରକାରୀ ଉଚ୍ଚ ବିଦ୍ୟାଳୟକୁ '୫-ଟି'ରେ ଅନ୍ତର୍ଭୁକ୍ତ କରାଯାଇ ୩୯ ଲକ୍ଷ ଟଙ୍କା ବିନିମୟରେ ବିଦ୍ୟାଳୟର ରୂପାନ୍ତରୀକରଣ କରାଯିବ। ସେହିପରି ଲକ୍ଷ୍ମୀ ଯୋଜନା ଦ୍ୱାରା କୁଜେନ୍ଦ୍ରୀ ପଞ୍ଚାୟତରେ ୨୦୨୩ ମସିହା ନଭେମ୍ବର ୨୫ରୁ ଲକ୍ଷ୍ମୀ ବସ୍ ସେବା ଭଳି ଅନେକ ଯୋଜନା ଯୋଗାଇ ଦିଆଯାଇଛି ବୋଲି ଲୋକମାନଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ମୁନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ପୁଲାକା, ସରପଞ୍ଚ ରମେଶ ଶବର, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମାଣ୍ଡଙ୍ଗି, ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବ୍ରିକା, ସୁଣ୍ଠି ଧାମୁଣି, ସମିତି ସଭ୍ୟ କମଳଲୋଚନ ମୁଟିକା, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଗମାଙ୍ଗ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, କୁଜେନ୍ଦ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରା, ଏମ୍ବିକେ ସୁରମ୍ୟା ବଡ଼ରୋଇତ, ବିଆରସି ଦୀପକ ମହାରଣା, ଅଜିତ କୁମାର ପଣ୍ଡା, ସଞ୍ଜୟ କୁମାର ପ୍ରଧାନ, ବରିଷ୍ଠ ନାଗରିକ ତଥା ସମାଜସେବୀ ଗୋଲକନାଥ ବେହେରା, ପଙ୍କଜ ପଣ୍ଡା, ଶିବପ୍ରସାଦ ବ୍ରହ୍ମା, ଆନନ୍ଦ ପରିଛା, ଦିଲ୍ଲୀପ ନାୟକ ବେହେରା, ଦଶରଥ ଲିମା, ମକରଧ୍ୱଜ ଧୋବା, ମୁକୁନ୍ଦ ପାଣିଙ୍କ ସମେତ କୁଜେନ୍ଦ୍ରୀ ପଞ୍ଚାୟତର ସମସ୍ତ ଗ୍ରାମବାସୀ, ସିଆରପି, ଯୋଗାଣ ସହାୟକ ଓ ଗ୍ରାମ୍ୟ ରୋଜଗାର ସେବକ ପ୍ରମୁଖ ଉପସ୍ଥିତ ଥିଲେ।




# ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ପଞ୍ଜିକରଣ ଆରମ୍ଭ

**ନବରଙ୍ଗପୁର, ୨୩।୧(ସମିସ):** ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ଆସନ୍ତା ୨୭ ଜାନୁଆରୀରୁ ୧ ଫେବ୍ରୁଆରୀ ମଧ୍ୟରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ପଞ୍ଜିକରଣ ଆରମ୍ଭ ହେବାକୁ ଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଚାହୁଁଥିବା ଖେଳାଳି ସପ୍ତମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ମଧ୍ୟରେ ହୋଇଥିବା ଆବଶ୍ୟକ। ପଞ୍ଜିକରଣ ସମୟରେ ନିଜ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କ ଠାରୁ ଷ୍ଟଡି ସାର୍ଟିଫିକେଟ, ଡିଜିଟାଲ ଜନ୍ମ ପତ୍ର ଏବଂ ଆଧାର କାର୍ଡ ସାଥିରେ ଆଣିବାକୁ ହେବ ଏବଂ ଉକ୍ତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ ଏବଂ ଜିଲ୍ଲାରେ ଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ପଞ୍ଜୀକୃତ ବିଭିନ୍ନ କ୍ଲବ୍‌ର ସଦସ୍ୟ ମଧ୍ୟ ଭାଗ ନେଇ ପାରିବେ ବୋଲି ସଂଘର ଉପ ସଭାପତି ଶୁଭେନ୍ଦୁ ନାଥ ବେହେରା ସୂଚନା ଦେଇଛନ୍ତି। ପଞ୍ଜିକରଣ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଶଶାଙ୍କ ଶେଖର ବେହେରା ଏବଂ ଅଶୋକ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦେଇଛନ୍ତି।

# କୃଷ୍ଣ ସିଂହଙ୍କ ଜନ୍ମଦିନରେ 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ଲୋକାର୍ପିତ



**ସେମିଳିଗୁଡା, ୨୩।୧(ସମିସ):** କୋରାପୁଟ ଜିଲ୍ଲାର ବିଶିଷ୍ଟ ସାରସ୍ୱତ ସାଧକ, ଶିକ୍ଷାବିତ୍, ସର୍ବୋଦୟ ନେତା, କୋରାପୁଟର ଗାନ୍ଧୀ ଭାବେ ପରିଚିତ କୃଷ୍ଣ ସିଂହଙ୍କ ୮୬ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଡ. ବାସନ୍ତୀ ମହାନ୍ତିଙ୍କ ଦ୍ୱାରା ଲିଖିତ 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭାବେ ଗାନ୍ଧୀ ସ୍ମାରକନିଧିର ସଭାନେତ୍ରୀ କ୍ରିଷ୍ଣା ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଗାଳ୍ପିକ ଏବଂ ଔପନ୍ୟାସିକ କୃପାସାଗର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଥିଲେ ସୁନାମ ଧନ୍ୟ ନାଟ୍ୟକାର ରମେଶ ଦାସ। 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ପୁସ୍ତକର ରଚୟିତା ଡ. ବାସନ୍ତୀ ମହାନ୍ତି କୃଷ୍ଣ ସିଂହଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ତାଙ୍କ ସର୍ବୋଦୟ ଆନ୍ଦୋଳନରେ ଯୋଗଦାନ, ନିର୍ଭୀକ ଜୀବନ ସହ ସାହିତ୍ୟ କିପରି ଭାବରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତାହା ଦର୍ଶାଇଛନ୍ତି। ମୁଖ୍ୟଅତିଥି କ୍ରିଷ୍ଣା ମହାନ୍ତି ସେ ଜଣେ ଆଦର୍ଶ ଗାନ୍ଧିବାଦୀ ଏବଂ ନିଷ୍ଠାପର ସର୍ବୋଦୟ ନେତା ବୋଲି କହିଥିଲେ। କୃପାସାଗର ସାହୁ ଉଦବୋଧନ ଦେଇ କୃଷ୍ଣ ସିଂହ ଜଣେ ଓଡ଼ିଆ ସାହିତ୍ୟର ଅନାଲୋଚିତ ଚରିତ୍ର ବୋଲି ଦର୍ଶାଇବା ସହ ତାଙ୍କ ଦ୍ୱାରା ଲିଖିତ ଉର୍ମିଳା, ମହାଦୀକ୍ଷା, ମୋ ଜୀବନ ମୋ ଉପାସନା ଓଡ଼ିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ଗାନ୍ଧୀ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା। ଡ. ପ୍ରହଲ୍ଲାଦ ସିଂହ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡ. ବିଶ୍ୱଜିତ୍, ମିହିର ଦାସ, ମଧୁସୂଦନ ଦାସ ମଞ୍ଚାସୀନ ଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ କବି ନିରାକାର ଦାସ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ମନ୍‌ମୋହନ ମିଶ୍ର, ଶାନ୍ତି ସିଂହ, ଝାନ୍‌ସୀ ସିଂହ, ଗିତରାଣୀ ଦାସ, ସାଗରିକା ମହାନ୍ତି, ବୃନ୍ଦା ସିଂହ, ମଧୁଲିତା ବିଶ୍ୱାଳ, ଡ. ମମତା ଦାଶ, ପ୍ରବୋଧ ପଟ୍ଟନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜନ୍ମଦିନ ଅବସରରେ ଅତିଥିଙ୍କ ଦ୍?ାରା କୃଷ୍ଣ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସମସ୍ତ ଅତିଥିଙ୍କୁ ତାଙ୍କ ବୋହୂ ବୃନ୍ଦା ଧର୍ମରାଜନ ସିଂହ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

# 'ଜୟ ଶ୍ରୀରାମ' ଧ୍ୱନିରେ କମ୍ପିଲା ଅମ୍ବାଦଲା ସହର



**ଅମ୍ବାଦଲା,୨୩।୧(ସମିସ):** ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସାରା ଦେଶ ଉତ୍ସବମୁଖର ହୋଇଥିବାବେଳେ ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଏହିକ୍ରମରେ ରାୟଗଡ଼ା ଜିଲ୍ଲା ଆମ୍ବାଦଲା ଷ୍ଟେସନ କୁମୁଡ଼ାବାଲି ଛକର ହିନ୍ଦୁ ସଂଗଠନର ସଦସ୍ୟମାନେ ହୋମ ଯଜ୍ଞ କରିବା ସହ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ନାମ ସଂକୀର୍ତ୍ତନର ଆୟୋଜନ କରିଥିଲେ। ଅଞ୍ଚଳର ମହିଳାମାନେ ମଧ୍ୟ ଉକ୍ତ ଶୋଭାଯାତ୍ରାରେ ଯୋଗଦେଇ ବିଭିନ୍ନ ବାଦ୍ୟ ବାଦଣା ଓ ଜୟ ଶ୍ରୀରାମ ଧ୍ୱନିରେ ଅମ୍ବାଦଲା ସହର ପ୍ରକମ୍ପିତ ହୋଇଥିବାବେଳେ ଅଞ୍ଚଳରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଅଞ୍ଚଳବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଓଡ଼ିଆ କବିତା ପଠନ ଓ ଆଲୋଚନାଚକ୍ର

**କୋଲନରା,୨୩।୧(ସମିସ):** ରାୟଗଡ଼ା ଜିଲ୍ଲା ପେଣ୍ଟା ପଞ୍ଚାୟତ ଅମ୍ଳଭଟାସ୍ଥିତ ମଡେଲ ଡିଗ୍ରୀ କଲେଜ ପରିସରରେ ଓଡ଼ିଆ କବିତା ପଠନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିପ୍ରନାରାୟଣ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ କବିତା ପଠନ ଓ ଆବୃତ୍ତି ପ୍ରତିଯୋଗିତାଅନୁଷ୍ଠିତହୋଇଥିଲା। ଏହିପ୍ରତିଯୋଗିତାକୁ ରାୟଗଡ଼ାର ସାହିତ୍ୟିକ, ଲେଖକ ଜୟଦେବ ସିଠ ଏବଂ ଝଙ୍କାର ସାହିତ୍ୟ ସଂସଦ ଜେକେପୁରର ସମ୍ପାଦକ ପ୍ରଦୀପ କୁମାର ନାୟକ ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱରଚିତ କବିତା ପଠନ ଓ କବିତା ଆବୃତ୍ତିକୁ ସମୀକ୍ଷା କରିଥଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଧାର୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ସଂସ୍କୃତି' ଶୀର୍ଷକ ଏହି ଆଲୋଚନାରେ ଆଲୋଚକ ଭାବେ ଭବାନୀପାଟଣା, କଳାହାଣ୍ଡିରୁ ସଂସ୍କୃତି ପ୍ରଚାରକ ଅଶୋକ କୁମାର ପାଢ଼ୀ, ପ୍ରଭାତ କୁମାର ମହାପାତ୍ର ଏବଂ ବିଶିଷ୍ଟ ଆଦିବାସୀ ସଂସ୍କୃତି ଗବେଷକ ତଥା ପ୍ରତ୍ନତତ୍ତ୍ୱବିତ୍ ରଙ୍ଗନାୟକ ଯୋଗଦେଇଥିଲେ। ଆଲୋଚକମାନେ ନିଜନିଜ ବକ୍ତବ୍ୟରେ ବିଭିନ୍ନ ସଂସ୍କୃତି ସହିତ ଜଗନ୍ନାଥ ସଂସ୍କୃତିର ସମ୍ପର୍କ, ଓଡ଼ିଶାର ଜନଜୀବନରେ ଶ୍ରୀଜଗନ୍ନାଥ, ଶାବରୀ ଶ୍ରୀକ୍ଷେତ୍ର ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ.କୈଳାସ ମଲିକ, ଗଣିତ ବିଭାଗର ଅଧ୍ୟାପକ ଡ.ଦେବାଶିଷ ଶର୍ମା ଓ ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଦୀପ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ଲକ୍ଷ୍ମୀପୁରରେ ଖୋଲିବ ମାଇନିଂ ଆଦର୍ଶ ବିଦ୍ୟାଳୟ

**ଲକ୍ଷ୍ମୀପୁର, ୨୩।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ମହକୁମାର ମୃତ୍ୟାଲୁମା ମନ୍ଦିର ନିକଟରେ ଥିବା ପ୍ରାୟ ୫ ଏକର ଜାଗାରେ ନିର୍ମାଣ ହେବ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ। ଏଥିପାଇଁ ଜମି ଅଧିଗ୍ରହଣ ମଧ୍ୟ କରାଯାଇଥିବା ନେଇ ଆଞ୍ଚଳିକ ଖଣି ନିର୍ଦ୍ଦେଶକ କାଠି ପ୍ରଧାନ କହିଛନ୍ତି। ତେବେ ଏଥିପାଇଁ ଏବେ ରାଜ୍ୟ ସରକାରଙ୍କ ଅନୁମତିକୁ ଅପେକ୍ଷା ରହିଛି। ରାଜ୍ୟ ସରକାରଙ୍କ ଅନୁମତି ପରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂହ ମଧ୍ୟ ଗତ ୧୦ ତାରିଖରେ ଲକ୍ଷ୍ମୀପୁର ଗସ୍ତରେ ଆସି ଓଏମ୍‌ସି କର୍ମଚାରୀ ଆଞ୍ଚଳିକ ଖଣି ନିର୍ଦ୍ଦେଶକ କାଠି ପ୍ରଧାନ, ମାଇନିଂ ପରିଚାଳକ ହେମନ୍ତ କୁମାର ବେହେରା, ପରିଚାଳକ ସୁରେନ୍ଦ୍ର ମାଝୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ନିର୍ମାଣ ପାଇଁ ସ୍ଥିର ହୋଇଥିବା ସ୍ଥାନକୁ ଗମନାଗମନ ସୁବିଧା ରହିଥିବା ବେଳେ ଏହା

### ■ ସରକାରୀ ଅନୁମତି ଅପେକ୍ଷାରେ ଓଏମ୍‌ସି

ଲକ୍ଷ୍ମୀପୁର ବ୍ଲକର ସମସ୍ତ ଅଞ୍ଚଳ ପାଇଁ କେନ୍ଦ୍ରସ୍ଥଳ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତୁରନ୍ତ ଏହି ବିଦ୍ୟାଳୟ ନିର୍ମାଣ ପାଇଁ ଓଏମ୍‌ସି ଅନୁମତି ପ୍ରଦାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଏହି ବିଦ୍ୟାଳୟ ବର୍ତ୍ତମାନ ଜୟପୁରରେ ଚାଲିଥିବା ବେଳେ ସେଥିରେ ଲକ୍ଷ୍ମୀପୁର, କାଶୀପୁର ଓ ଦଶମନ୍ତପୁର ପ୍ରମୁଖ ତିନି ବ୍ଲକର ୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟରେ ଶତକଡା ୮୦ ଭାଗ ପିଲା ଖଣି ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ୧୦ ପ୍ରତିଶତ ଓଏମ୍‌ସି କର୍ମଚାରୀ ଓ ଅନ୍ୟ ୧୦ ପ୍ରତିଶତ ବ୍ଲକ ଅଞ୍ଚଳର ଛାତ୍ରଛାତ୍ରୀ ପଢ଼ିବାର ନିୟମ ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି। ଜୟପୁରସ୍ଥିତ ବିଦ୍ୟାଳୟ ଅସ୍ଥାୟୀ ଭାବେ ଚାଲି ଥିବା ବେଳେ ସ୍ଥାୟୀ କୋଠା ନିର୍ମାଣ ପରେ ତାହାକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ନିକଟରେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଇବେ ବୋଲି ଜଣାପଡ଼ିଛି।

# ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ବୋରିଗୁମ୍ମା ଉତ୍ସବମୁଖର



**ବୋରିଗୁମ୍ମା, ୨୩।୧(ସମିସ):** ଅଯୋଧରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମା ସହ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଅଞ୍ଚଳରେ ଦୀପାବଳି ଓ ହୋଲି ଉତ୍ସବ ପରି ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ରାମମନ୍ଦିର, ହନୁମାନ ମନ୍ଦିରରେ ୭ ରୁ ୧୦ ହଜାର ଲୋକଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରାମ ଭକ୍ତମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଅନେକ ନିଜକୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶରେ ସଜାଇ ହୋଇ ସାମିଲ ହୋଇଥିଲେ। ଭଜନ କୀର୍ତ୍ତନ ଓ ଡିଜେର ତାଳେ ତାଳେ ଅଞ୍ଚଳବାସୀ ହୋଲି ଖେଳି ଶ୍ରୀରାମଙ୍କ ଗୁଣଗାନ କରିଥିôଲେ। ଏଥିରେ ବୋରିଗୁମ୍ମା ବିଶ୍ୱହିନ୍ଦୁ ପରିଷଦ ଓ ଭୈରବ ସେନା ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକଙ୍କ ଘରେ ଅଖଣ୍ଡ ଦୀପ ଜାଳି ସମ୍ମୁଖରେ କଳସ ସ୍ଥାପନ କରିବା ସହ ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ।

# ମାଲକାନଗିରି ଶିଳ୍ପ ତାଲିମକେନ୍ଦ୍ରରେ 'ନୂଆ-ଓ' କାର୍ଯ୍ୟକ୍ରମ




ମାଲକାନଗିରି, ୨୩।୧(ସମିସ): ରାଜ୍ୟ ସରକାରଙ୍କ ନୂଆ-ଓ ମାଧ୍ୟମରେ ମାଲକାନଗିରି ଶିଳ୍ପ ତାଲିମ କେନ୍ଦ୍ରରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଯୋଜନା ଓ ସମନ୍ୱୟ ବିଭାଗର ଉପ ନିର୍ଦ୍ଦେଶକ ଗୋଲାକ ଦଳାଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଓଡିଆ ଭାଷା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସମୀର ରଞ୍ଜନ ବେହେରା, ସତ୍ୟନାରାୟଣ ନାୟକ, ତାଲିମ ଅଧିକାରୀ, ସୁବାସ ପରିଡ଼ା ଏହି ଅବସରରେ ଛାତ୍ରମାନଙ୍କ ସହିତ ତାଲିମ ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମ ଯୁବପୀଢିଙ୍କୁ ଓଡିଆ ଭାଷା ପ୍ରତି ଅଧିକ ଭଲ ପାଇବା ଓ ଆଗାମୀ ଦିନରେ ନିଜ ମାତୃଭାଷାର ପ୍ରଚାର ପ୍ରସାର ପାଇଁ ଅଧିକ ଯତ୍ନବାନ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ବଡ଼ନାଳ ଜଳସେଚନ ପ୍ରକଳ୍ପଠାରେ ପାଣିପଞ୍ଚାୟତ ପକ୍ଷ ପାଳିତ

**ପଦ୍ମପୁର,୨୩।୧(ସମିସ):** ରାୟଗଡ଼ା ଜିଲ୍ଲା ପଦ୍ମପୁର ବଡ଼ନାଳ ଜଳସେଚନ ପ୍ରକଳ୍ପ ମଙ୍ଗଳା ମନ୍ଦିରଠାରେ ଆଜି ଓଡ଼ିଶା ସରକାରଙ୍କ ହରଭଙ୍ଗୀ ଜଳସେଚନ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ହରଭଙ୍ଗୀ ଜଳସେଚନ ବିଭାଜନ ଅଡ଼ବାର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଇଂ.ରାଜୀବ କୁମାର ପଣ୍ଡିତଙ୍କ ଆଧ୍ୟକ୍ଷତାରେ ବଂଶଧାରା ନାଗାବଳୀ ବେସିନ୍ ପାରଳାଖେମୁଣ୍ଡି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନଗେନ୍ଦ୍ର ମହାରଣା, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର, ବଡ଼ନାଳ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ରାଉତ, ତେମ୍ବାଗୁଡ଼ା ସରପଞ୍ଚ ସିଦ୍ଧେଶ୍ୱରୀ ଶବର, ପଦ୍ମପୁର ବ୍ଲକ୍ ଖ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ହରଭଙ୍ଗୀ କନିଷ୍ଠ ଯନ୍ତ୍ରୀ ଅଡ଼ବାର ନିରଞ୍ଜନ ସାହୁ, ଏଲ୍ ମୂରଲୀ କ୍ରିଷ୍ଣା ସହକାରୀ ଯନ୍ତ୍ରୀ, ମହମ୍ମଦ ଉସମାନ୍ ଖାନ୍, କନିଷ୍ଠ ଯନ୍ତ୍ରୀ, ଗୌରୀଶଙ୍କର ପାଇକ କନିଷ୍ଠ ଯନ୍ତ୍ରୀ, ଉପନିର୍ବାହୀଯନ୍ତ୍ରୀ ଅଲେଖ ରାଉତ , ଶିବପ୍ରସାଦ ନନ୍ଦ, ଶ୍ରୀବାସ ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ପଦ୍ମପୁର ବଡ଼ନାଳ ଜଳସେଚନ ପ୍ରକଳ୍ପର ୨୧ଟି ପାଣିପଞ୍ଚାୟତର ସଭାପତି, ସମ୍ପାଦକ ଓ ବହୁ ଚାଷୀ ଯୋଗଦେଇଥିଲେ। ପ୍ରଥମେ ପାଣିପଞ୍ଚାୟତ ସଚେତନତା ବାର୍ତ୍ତାନେଇ ପହଞ୍ଚି ଥିବା ସଚେତନ ରଥକୁ ସ୍ୱାଗତ କରାଯାଇଥିଲା। ଏହି ସମାରୋହରେ ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା କରିବା ସହିତ ପାଣିପଞ୍ଚାୟତ ବ୍ୟବସ୍ଥାକୁ ମଧ୍ୟ ଆଇନ ଗତ ଭାବେ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯିବ ସହ କୋଟ୍ରାଧର ନଦୀ ବା ସନନଦୀକୁ ବଡ଼ନାଳ ସହ ସଂଯୋଗ କଲେ ବହୁ ଚାଷୀ ଉପକୃତ ହୋଇପାରିବେ ବୋଲି ଚାଷୀମାନେ କହିଥିଲେ। ଠିକ୍ ସେହିପରି ଡ୍ୟାମରେ ବନ୍ୟା ଜଳ ଆସିଲେ କେନାଲରେ ମାଟି ଓ ପଙ୍କ ଜମୁଥିବାରୁ ତାହା ଉପରେ ସର୍ଭେ କରିବା ପାଇଁ ଚାଷୀମାନେ କହିଥିଲେ। ପରେ ବଂଶଧାରା, ନାଗାବଳୀ ବେସିନ ପାରଳାଖେମୁଣ୍ଡି ଯନ୍ତ୍ରୀ ନଗେନ୍ଦ୍ର ମହାରଣା ଖରିଫ୍ ଓ ରବି ଋତୁରେ ଚାଷୀମାନଙ୍କ ଯେଉଁ ଭଳି ଭାବେ ସଠିକ ଭାବେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ଏବଂ ଚାଷୀମାନଙ୍କ ସମସ୍ୟା ଖୁବ୍ ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର ସହର ଦେଇ ପ୍ରବାହିତ ହେଉଥିବା ସୁନାରି ଘାଇ କେନାଲ ବ୍ଲକର ଅର୍ଥ ବିନିଯୋଗ ସତ୍ତ୍ୱେ ଅପରିଷ୍କାର ରହୁଥିବା ଯୋଗୁଁ ଜଳସେଚନ ବିଭାଗ ହାତକୁ ନେଇ ଆବଶ୍ୟକୀୟ ଅର୍ଥ ବିନିଯୋଗ କରି ଉନ୍ନତ ଘାଇ କଲେ ଲୋକେ ଉପକୃତ ହେବେ ବୋଲି ସେ କହିଥିଲେ। ଠିକ୍ ସେହିପରି ବଡ଼ନାଳ ଜଳସେଚନ ପ୍ରକଳ୍ପଠାରେ ପୁରାତନ ପାର୍କକୁ ବ୍ଲକ୍ ସମିତି ପକ୍ଷରୁ ଅର୍ଥ ବିନିଯୋଗ କରି ନୂତନ ପାର୍କ କରିବା ପାଇଁ ଏବଂ ସେଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ପାଇଁ ଚାଷୀମାନେ କହିଥିଲେ। ଉକ୍ତ ସମାରୋହରେ ଚାଷୀ ଦୁର୍ଗା ସାହୁ, ରାଜୀବ ଲୋଚନ ସାହୁ, ସରଦ ମହାପାତ୍ର, ଅଭିମନ୍ୟୁ ଶବର, ସୋମନାଥ ଗମାଙ୍ଗ, କିଶୋର ଶବର, ରଘୁମଣି ଗମାଙ୍ଗ, ରଘୁ ମିଶ୍ର, ବାବୁନି ମିଶ୍ର ଓ ନାଗଭୂଷଣ ପଟ୍ଟନାୟକଙ୍କ ସହ ବହୁ ଚାଷୀ ଯୋଗଦେଇଥିଲେ।



# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ







**ରାୟଗଡ଼ା,୨୩।୧(ସମିସ)**

ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ଏବଂ ଜଣେଅବିସ୍ମରଣୀୟ ଯୋଦ୍ଧା ଭାବେ ଏ ଜାତିର ଚିରନମସ୍ୟ ରହିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ମହାସମାରୋହରେ କଳା ଅନୁଷ୍ଠାନ ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏସନ ତରଫରୁ ପାଳିତ ହୋଇଯାଇଛି । ରାୟଗଡ଼ା ସହରର ନେତାଜୀ ମାର୍ଗରେ ଥିବା ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏସନ ଲାଇବ୍ରେରୀଠାରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଓ ସଂଘର ୩୪ତମ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ, କବି ସୁଶାନ୍ତ ନାୟକ, ବିଜେଡି ବରିଷ୍ଠ ମହିଳା ନେତ୍ରୀ ସୁଜାତା ପାଲ, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଶ୍ରୀ ରାଓ ଦେଶକୁ ସ୍ୱାଧୀନତା ଆଣିବାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ବୋଷଙ୍କ ବଳିଷ୍ଠ ପଦକ୍ଷେପ ଆଜି ବି ଯୁବପିଢ଼ିଙ୍କୁ ଦେଶଭକ୍ତି ପାଇଁ ଆହ୍ୱାନ କରୁଛି । ତେଣୁ ନେତାଜୀଙ୍କ ନୀତି ଓ ଆଦର୍ଶକୁ ଅନୁପ୍ରାଣିତ ହୋଇ ସମସ୍ତେ ଦେଶ ପାଇଁ ନିଜର ଶ୍ରେଷ୍ଠ ପ୍ରଦାନ କରିବା ଆବଶ୍ୟକ ବୋଲି ପ୍ରକାଶ କରିବା ସହ ୩୪ବର୍ଷ ଧରି ଆଜାଦ୍ ହିନ୍ଦ ଆସୋସିଏସନ ସହ ବ୍ୟକ୍ତିଗତ ଭାବେ ଜଡ଼ିତ ହୋଇ ରହିଛି । ୩୪ବର୍ଷ ପଦାର୍ପଣରେ ଆସୋସିଏସନ ସାଂସ୍କୃତିକ କଳାରେ ନିଖୁଣ ଥିବା ଅନେକ କଳାକାରଙ୍କୁ ସୁଯୋଗ ଦେଇପାରିଥିବା ବେଳେ ଇ-ପାଠାଗାର ରାୟଗଡ଼ା ପାଇଁ ଏକ ଉଦାହରଣ ପାଲଟିଥିବା ଶ୍ରୀ ରାଓ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ମହାନ୍ତି ନେତାଜୀଙ୍କ ୧୨୭ତମ ଜନ୍ମ ଜୟନ୍ତୀରେ ଦେଶ ପରାକ୍ରମ ଦିବସ ପାଳୁଥିବା ସେ ପ୍ରକାଶ କରିଥିଲେ । ୧୮୯୭ ଜାନୁଆରୀ ୨୩ତାରିଖରେ ନେତାଜୀ କଟକ ଠାରେ ଜନ୍ମଗ୍ରହଣ କରିଥିଲେ । ସେ ବ୍ରିଟିଶ ସରକାରଙ୍କୁ ନିଜ ଦାମ୍ଭିକତାରେ ଚମକାଇ ଦେଇଥିଲେ । ସୁଭାଷଙ୍କ କାଳଜୟୀ ଉଦଘୋଷଣା 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଆଜି ବି କୋଟିକୋଟି ଭାରତୀୟଙ୍କ ମନରେ ଉଦଜୀବିତ ହୋଇରହିଥିବା ଏବଂ ନେତାଜୀ ଓ ଗାନ୍ଧୀଜୀଙ୍କ ଚିନ୍ତାଧାରା ବିଷୟରେ ଶ୍ରୀ ମହାନ୍ତି ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଓଡ଼ିଶା ରାଜ୍ୟ ସୈନିକ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ଆରଏସଇଡବ୍ଲୁସି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଆଜାଦ୍ ହିନ୍ଦ ଆସୋସିଏସନର ସାଧାରଣ ସମ୍ପାଦକ ବିନାୟକ କର ମଞ୍ଚ ପରିଚାଳନା କରିଥିବାବେଳେ ଅପରାହ୍ନ ୩ଟା ସମୟରେ ସ୍ୱତନ୍ତ୍ର କବିତା ଅଧିବେସନ 'ପୁନରୁକ୍ତି' ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ରାୟଗଡ଼ାର ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଶୁଭାରମ୍ଭ କରିଥିଲେ । ସନ୍ଧ୍ୟାରେ ଗୀତ ଗୁଞ୍ଜନ ଏବଂ ମ୍ୟୁଜିକ୍ ଗାଲେକ୍ସି ଅର୍କେଷ୍ଟ୍ରା ପରିବେଷଣ କରାଯାଇଛି । ଆଜାଦ୍ ହିନ୍ଦ ଆସୋସିଏସନର ସଭାପତି ପ୍ରଦୀପ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ରେଡ୍ଡି, ଉପସଭାପତି ନୀଳମଣି ପାଟଯୋଶୀ, କୋଷାଧ୍ୟକ୍ଷ ମିହିର କୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳାନରେ ସହଯୋଗ କରିଥିଲେ ।

**ଉମରକୋଟ:** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ୱାର୍ଡ ନଂ ୧୨ ଡଙ୍ଗରୀଗୁଡ଼ା ପଡ଼ିଆଠାରେ ଉମରକୋଟ ପୌରପରିଷଦ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଛି । ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବରିଷ୍ଠ ନେତା ଜୟଦେବ କୁମାର ପରିଡ଼ା, ପୌରଅଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନିଖିଳ ଭାରତ ବଙ୍ଗୀୟ ସମାଜର ସଭାପତି ତପନ କୁମାର ଦେବ ନାଥ, ପୂର୍ବତନ ପୌରଅଧ୍ୟକ୍ଷ ଝାଡ଼େଶ୍ୱର ମହାନ୍ତି,

**● 'ବ୍ରିଟିଶ ଶାସନକୁ ଦୋହଲାଇଥିଲେ ଦୁଇ ମହାପୁରୁଷ'**

ରେବା ମଣ୍ଡଳ, ମନୋଜ କୁମାର ନାୟକ, ଚିତ୍ତରଞ୍ଜନ ପାତ୍ର, ନେତ୍ର ହରିଜନ, ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିୟା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ପରେ ସେଠାରେ ଏକ ସଭାର ଅୟୋଜନ କରାଯାଇ ଅତିଥିମାନେ ନେତାଜୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ । ପ୍ରତିମୂର୍ତ୍ତି ପାଇଁ ବଙ୍ଗୀୟ ସମାଜ ଓ ବୁଦ୍ଧିଜୀବୀ ମହଲରୁ ପୌର ପରିଷଦକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ନେତାଜୀଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ପ୍ରଭାତ ଫେରି କରାଯାଇ ରଘୁପତି ରାଘବ ରାଜାରାମ ସଂଗୀତ ଗାନ କରାଯାଇଥିଲା । ନୂତନ ବସଷ୍ଟାଣ୍ଡଠାରୁ ୟୁଭି ୩ ଗ୍ରାମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଯୁବତୀ ଓ ଯୁବକମାନେ ଶୋଭାଯାତ୍ରାରେ ବାହାରି ଡଙ୍ଗରିଗୁଡ଼ା ପର୍ଯ୍ୟନ୍ତ ଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ସମସ୍ତ ପୌରକର୍ମଚାରୀଙ୍କ ସମେତ ବଙ୍ଗୀୟ ସମାଜ ପକ୍ଷରୁ ମନ୍ମଥ ରୟ, ତପନ ପାଲ, ସଞ୍ଜିତ୍ ବିଶ୍ୱାସ, ସନ୍ତୋଷ ସରକାର, ପ୍ରଦୀପ ରୟ, ମାନସ ଭୌମିକ, ଶଙ୍କରଡ଼ାକୁଆ, ଶ୍ୟାମ ନନ୍ଦି, ବିଶୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଅବସରରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟ ଓ ଡଙ୍ଗରିଗୁଡା ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଓ ବୁଦ୍ଧିଜୀବୀ ମଧ୍ୟ ସେଠାର ଉପସ୍ଥିତ ଥିଲେ ।

**ମୁନିଗୁଡ଼ା:** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେଅବସ୍ଥାପିତ ସର୍ବପୁରାତନ ତଥା ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଚାର୍ଯ୍ୟା ଓ ଆଚାର୍ଯ୍ୟାଙ୍କ ସମାବେଶରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ପୁଣ୍ୟ ଜନ୍ମତିଥି, ପରାକ୍ରମ ଦିବସ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୫ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ମାତୃପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଏବଂ ଆଚାର୍ଯ୍ୟା ମମତା ମହାପାତ୍ର ଓ ଯସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି କେଶବ ସାହୁକାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ରାଜକିଶୋର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ବିଚାର ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ୍ୱରୀ ବେହେରା, ହରେନ୍ଦ୍ର କୁମାର ଜେନା ଓ ଅମରେନ୍ଦ୍ର ସ୍ୱାଇଁ ନେତାଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ପ୍ରଧାନଆଚାର୍ଯ୍ୟ ଦାଶ ନେତାଜୀଙ୍କ ପରି ଦୃଢ଼ମନା ଓ ବୀର ସୁରେନ୍ଦ୍ର ସାଏଙ୍କ ପରି ମାତୃଭୂମିର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୁକ୍ତା ମହାରଣା, ସୁନୀତା ଶାସମଲ, ସନ୍ତୋଷୀ ଗୌଡ଼, ସୁମିତା ରାଉତ, ବସୁମତୀ ବେହେରା, ଲିଲି ଆଚାରୀ, ରାନୁରାଣୀ ପ୍ରଧାନ, ଗୋଲାପି ପୁଜାରୀ ପ୍ରମୁଖ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ ।

**ଗୁଣପୁର:** ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଚୀନାସାରି ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ ଏବଂ ନେତାଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ୧୯୯୮ରୁ ପ୍ରତିଷ୍ଠିତ ଏହି ଉଚ୍ଚ ବିଦ୍ୟାଳୟକୁ ଗତ ବର୍ଷ '୫-ଟି'ରେ ସାମିଲ କରାଯାଇ ଏହାର ଉନ୍ନତିରେ ନିଆଯାଇଥିବା ପଦକ୍ଷେପ ଓ ବିଦ୍ୟାଳୟର ଇତିହାସ ବୃତ୍ତାନ୍ତକୁ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳୀ ପ୍ରଧାନ, ଲକ୍ଷ୍ମୀ ବେହେରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଣପୁର, ବିଜୟ କୁମାର ଗମାଙ୍ଗ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଓକିଲ ଓ ସମାଜସେବୀ ପ୍ରଦୀପ ଦାଶ ଉପସ୍ଥିତ ରହି ବିଭିନ୍ନ ପ୍ରେରଣ ଦାୟକ ଗପ କହି ପିଲାମାନେ କିଭଳି ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡ଼ା ଉତ୍ସବର ସମସ୍ତ ପୁରସ୍କାର ବିତରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ଅତିଥିଙ୍କ ଉପସ୍ଥିତିରେ ଆବାସିକ ଛାତ୍ରମାନଙ୍କୁ ଶୀତବସ୍ତ୍ର ଓ ପୋଷାକ ବଣ୍ଟନ କରାଯାଇଥିଲା । ଉମାଶଙ୍କର ଦାଶ ସ୍ୱାଗତ ଭାଷଣ ଦେବା ସହ ଶେଷରେ ଘାସିରାମ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଶ୍ରୀଅରବିନ୍ଦ ପାଠାଗାରଠାରେ ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପାଠାଗାରର ସଞ୍ଚାଳିକା ଡ. ଝାନ୍ସି ସିଂହ ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରି ଭାରତର ସ୍ୱାଧୀନତା ଆନ୍ଦୋଳନରେ ଦୁଇ ବ୍ୟକ୍ତିତ୍ୱଙ୍କର ଯୋଗଦାନ ଏବଂ ନିର୍ଭୀକତା ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଅନିତା ପାଢ଼ୀ, ଅଜୟ ଇଡିଂ, କାହ୍ନୁ ଗୌଡ଼, ଅଜିତ ଲେଙ୍କା, ଧରିତ୍ରୀ ବିଶ୍ୱାଳ, ଆଲମା ଇଡିଂ, ଭୂମି, ଜସ୍ମିନ କୁଲଦୀପ, ବେଲି ରାଣୀ ଖେମୁଣ୍ଡୁ, କବିତା ବିଶ୍ୱାଳ, ସୁଶୀଳା ଛତ୍ରିଆ ଯୋଗଦେଇଥିଲେ । ସଭା ଆରମ୍ଭରେ ଜସ୍ମିନ ଦେଶପ୍ରେମ ସଙ୍ଗୀତ ପରିବେଷଣ କରିଥିଲେ ।

**ସୁନାବେଡ଼ା:** ସୁନାବେଡ଼ାସ୍ଥିତ ଏରୋନଟିକ୍ସ ଡିଏଭି ହାଇସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍କୁଲ ଅଡିଟୋରିୟମରେ ପାଳିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମିଶ୍ର ଉଭୟ ସ୍ୱବାଧିନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ । ତାଙ୍କ ବକ୍ତବ୍ୟରେ ସେ ନେତାଜୀଙ୍କ ବହୁମୁଖି ପ୍ରତିଭା ଏବଂ ସ୍ୱାଧିନତା ସଂଗ୍ରାମରେ ଯୋଗଦାନ ବିଷୟରେ ଆଲୋକପାତ କରିଥିଲେ । ଏତଦ୍‌ବ୍ୟତୀତ ଇଂରେଜମାନଙ୍କ ବିରୋଧରେ ସୁରେନ୍ଦ୍ର ସାଏଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସରିତା ସାବତ ଉଦ୍‌ବୋଧନ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିଧି ତ୍ରିପାଠୀ ପରିଚାଳନା କରିଥିଲେ ।

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ସଦରମହକୁମା ସୁଭାଷ ବୋଷ ଛକଠାରେ ୧୨୭ତମ ସୁବାଷ ଜୟନ୍ତୀ ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି । ସ୍ଥାନୀୟ ନେତାଜୀ ସୁଭାଷ ବୋଷ ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସମ୍ମାନିତ ଅତିଥି ଏସଡିପିଓ ସଚିନ୍ ପଟେଲ, ତହସିଲଦାର ନରସିଂହ ଗାଦବା ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଉଦବୋଧନ ଦେଇଥିଲେ । ଅନୁରୂପ ଭାବେ ଟାଉନ କ୍ଲବ ପରିସରରେ କ୍ଲବର ସଭାପତି ଡି. ଚିନ୍ନା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବନବାସୀ ଗବେଷକ ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବରିଷ୍ଠ ନାଗରିକ ଗଙ୍ଗାଧର ବୁରୁଦା ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦେଶ ସ୍ୱାଧୀନ ପାଇଁ ନେତାଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ପାଣିଗ୍ରାହୀ, ଜି ଶ୍ରୀନିବାସ ରାଓ, ଏମ୍. ବାଲାରାଜୁ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପଦ୍ମନ ପାଙ୍ଗି ପ୍ରମୁଖ କ୍ଲବର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ନବରଙ୍ଗପୁର:** ନବରଙ୍ଗପୁରସ୍ଥିତ ଭିନ୍ନକ୍ଷମ ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର ଆଶା କିରଣରେ ଆନନ୍ଦ ଉଲ୍ଲାସରେ ନେତାଜୀ ସୁଭାଷ ବୋଷଙ୍କ ସହିତ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିଲାମାନେ ନେତାଜୀଙ୍କ ଜୀବନୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ କେତେକ କବିତା ପାଠ କରିଥିଲେ । ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ଦେଶ ପାଇଁ ଏହିପରି ବୀର ମାନଙ୍କ ଜୀବନୀ ପାଠ କରି ତାଙ୍କୁ ଆଦର୍ଶ ଭାବି ନିଜ ଜୀବନକୁ ଉତ୍ସର୍ଗ କରିବାକୁ ପରାମର୍ଶ ଦେଇଥିଲେ । ସହକାରୀ ଶିକ୍ଷକ ଇନ୍ଦ୍ରମଣି ମଙ୍ଗରାଜ ପିଲାଙ୍କ କର୍ତ୍ତବ୍ୟ ଉପରେ ବୁଝାଇଥିଲେ । ପିଲାମାନେ ବିଭିନ୍ନ ଦେଶାତ୍ମକ ଗୀତରେ ନାଚ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାଲିମ କେନ୍ଦ୍ରର କର୍ମଚାରୀ ପାର୍ବତୀ ଜାନି, ରଶ୍ମିତା ପ୍ରଧାନ, ରୀଙ୍କୁରାଜ୍ ବେହେରା, ଈଶ୍ୱର ବଞ୍ଜାରା, ସହିତ ଅନେକ ଅଭିଭାବକ ଉପସ୍ଥିତ ରହି ପିଲାଙ୍କ ମନୋବଳ ବଢ଼ାଇବା ସକାଶେ ପ୍ରେରଣା ଯୋଗାଇଥିଲେ ।

**ସୁନାବେଡ଼ା:** କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସୁନାବେଡାରେ ପାଳିତ ହୋଇଯାଇଛି । ଜିଲ୍ଲା ବଧିର ସଂଘର ସଭାପତି ଶେଖ ଇବ୍ରାହିମଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସୈନିକ ସଂଘର ଉପଦେଷ୍ଟା ବିଜୟ କୁମାର ସାହୁଙ୍କ ସମେତ ସଂଘର କର୍ମକର୍ତ୍ତା ବ୍ରହ୍ମା ଚରଣ ଗୌଡ଼, ରଞ୍ଜନ ସାହୁ, ବି ଶ୍ରୀଦେବୀ, ଅରୁଣ କୁଲଦୀପ, ରମେଶ ଖିଲ, ଭବାନୀ ଶଙ୍କର ପାଠୀ, ଗୁଲସନ୍ କୁମାର କୁଲଦୀପ, ଅଜୟ କୁମାର ସାହୁ, ଧନୁର୍ଜୟ ଖୋସଲା, ବି. ରାଜେଶ୍ୱର ରାଓ, ଉମାକାନ୍ତ ଜେନାଙ୍କ ସମେତ ସୁନାବେଡା ମହିଳା ଡ଼ିଗ୍ରୀ କଲେଜର ଛାତ୍ରୀମାନେ ଯୋଗଦେଇ ସୁଭାଷନଗର ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସଂଘ କାର୍ଯ୍ୟାଳୟରେ ବୀର ସୁରେନ୍ଦ୍ର ସାଏଙ୍କ ସଂଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋଚନା କରି ଆମ ଦେଶର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାନ୍ ନେତା ଦ୍ୱୟଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

**ବୋରିଗୁମ୍ମା:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ପଦ୍ମନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ନେତାଜୀଙ୍କ ଜୟନ୍ତୀକୁ ପ୍ରଥମ ଥର ପାଇଁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି ବୋରିଗୁମ୍ମା ସହରବାସୀ । ବିଭିନ୍ନ ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଏହି ଗଣଦୌଡରେ ସାମିଲ ହୋଇଥିଲେ । ସହରର ନୂଆ ବସଷ୍ଟାଣ୍ଡରେ ପୂର୍ବାହ୍ନ ୬ରୁ ମାରାଥନରେ ଭାଗ ନେବାକୁ ପ୍ରତିଯୋଗୀ ଯୋଗ ଦେଇଥିଲେ । ସାଢେ ୭ ଟାରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ବସଷ୍ଟାଣ୍ଡରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପମାଲ୍ୟ ଅର୍ପଣ କରି ଏହି ମିନି ମାରାଥନର ଶୁଭାରମ୍ଭ କରିଥିଲେ । ମାରାଥନରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିବା ସହ ନୂଆ ବସଷ୍ଟାଣ୍ଡଠାରୁ ମୁଖ୍ୟ ରାସ୍ତାଦେଇ ଡାକବଙ୍ଗଳା ପର୍ଯ୍ୟନ୍ତ ଏହି ମାରାଥନ ପହଞ୍ଚିଥିଲା । ଏହି ଅବସରରେ ଗୁପ୍ତ ଗନ୍ତାୟତ, କେ. ନାଗରାଜ ଦୋରା, ପଦ୍ମନ ସ୍ୱାଇଁ, ହରପ୍ରସାଦ ମିଶ୍ର, ଜୟପୁର ବ୍ଲକ ଉପାଧ୍ୟକ୍ଷ ଗଣେଶ ପାଢ଼ୀ, କେ. କେଶବ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ସଂଗଠନ ପକ୍ଷରୁ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସ୍ଥାନୀୟ ମହାତ୍ମାଗାନ୍ଧୀ ରାସ୍ତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ପାଳିତ ହୋଇଯାଇଛି । ନେତାଜୀ ଜଣେ ସତ୍ୟନିଷ୍ଠାର ନେତା ଥିଲେ । ତେଣୁ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ବକ୍ତା ମାନେ ଉଦବୋଧନ ଦେଇଥିଲେ । ସଦର ସମ୍ପାଦକ ବୈରାଗୀ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏକ ଘରୋଇ ପ୍ଲେ- ସ୍କୁଲର ଛାତ୍ର ଛାତ୍ରୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ସଂସଦର ସଭାପତି ଉଦୟଶଙ୍କର ଜାନୀଙ୍କ ସଭାପତିତ୍ୱରେ କାର୍ଯ୍ୟ ପରିଚାଳନାରେ ସଭାପତି ତପନ କିରଣ ତ୍ରିପାଠୀ, ପଞ୍ଚାନନ ମିଶ୍ର, ପ୍ରମୋଦ ରାଉଳ, ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ସାହୁ, ଶୁଭସ୍ମିତା ସାହୁ, ନିକିତା ଗୌଡ଼, ସପ୍ନା ପଟ୍ଟନାୟକ, ପି.ବାଲାଜି ରାଓ, ପି. ରାମ ଲକ୍ଷ୍ମୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ସ୍ଥାନୀୟ ଇରିଗେସନ କୋଲନୀସ୍ଥିତ ଅପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟଠାରେ ନେତାଜୀ ଜୟନ୍ତୀ ପାଳିତ ଅବସରରେ ଉପସ୍ଥିତ ଅଭିଭାବକ, ଛାତ୍ର ଛାତ୍ରୀ ଓ ଶିକ୍ଷକମାନେ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ନେତାଜୀଙ୍କ ବିଷୟରେ ମତାମତ ପ୍ରଦାନ କରିଥିଲେ । କଟକ ବଡ଼ ମେଡ଼ିକାଲର ଅବସରପ୍ରାପ୍ତ ଡା. ଅମୀୟ କୁମାର ଗୌଡ଼, ସ୍ୱେଚ୍ଛାସେବୀ ଡ. ଧରିତ୍ରୀ ମହାକୁଡ଼ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କିରଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ସ୍ଥାନୀୟ ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀକାନ୍ତ ପାଢ଼ୀ, ହେମ ଚରଣ ସାହୁ, ବିଦ୍ୟାଳୟର ସହ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଓ ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ନେତାଜୀ ଜୟନ୍ତୀ ଅବସରରେ ବିଦ୍ୟାଳୟ ପକ୍ଷରୁ ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ତଥା ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ଯୋଗଦେଇଥିଲେ । ଏଥିରେ ପୁରାତନ ଛାତ୍ର ଉପସଭାପତି ସୌମେନ୍ଦ୍ର ପାଢ଼ୀ ଏବଂ ବିଦ୍ୟାଳୟର ପୂର୍ବଛାତ୍ର ପରିଷଦର ସଭାପତି କେ. ସୁନୀଲ୍ କୁମାର ଏବଂ ଅନ୍ୟ ୫୩ ଜଣ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଦୁଇଟି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ଅନ୍ୟାନ୍ୟ ସେବାବ୍ରତୀ ସହଯୋଗ କରିଥିଲେ । ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ଥାନୀୟ ଶ୍ରମିକ ଓ କର୍ମଚାରୀ ଭବନଠାରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଜିଲ୍ଲା ସିପିଆଇ ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲ୍ଲା ସହସମ୍ପାଦକ ରାମକୃଷ୍ଣ ଦାଶ, ନିତ୍ୟାନନ୍ଦ ପାତ୍ର, ନନ୍ଦ ହରିଜନ, ଭୁବନ କମାର, ଗୌରି ନାୟକ, ଲିଙ୍ଗରାଜ କମାର, ସୁମନ ବିଶୋୟୀ, ଗୌରି ନାୟକ, ଈଶ୍ୱର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

**ନନ୍ଦପୁର:** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ନେତାଜୀ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡ଼ମ୍ବରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ନନ୍ଦପୁର ଏସ୍ଡିପିଓ ସଞ୍ଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ବରିଷ୍ଠ କଂଗ୍ରେସ ନେତା ଶଶିଭୂଷଣ ପାତ୍ର, ବିଦ୍ୟାଳୟର ପୂର୍ବତନ ପରିଚାଳନା ସଭାପତି ସେକ ଗୋଫୁର ପ୍ରମୁଖ ନେତାଜୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଦେଶାତ୍ମବୋଧ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ନନ୍ଦପୁର ଏସଡିସି ସଦସ୍ୟା ଉର୍ମିଳା ମୁଦୁଲି, ବିଦ୍ୟାଳୟ ପରିଚାଳନା ସଭାପତି ଜୟସେନ ସୀସା, କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଦୋରା, ପରିଚାଳନା ସଦସ୍ୟ କୃଷ୍ଣଚନ୍ଦ୍ର ବଡ ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସୁଶୀଳା ଖରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ପରେଶ କୁମାର ଦାସ, ମଦନ ମୋହନ ଓଝା, ସୁଶିଲ କୁମାର ନନ୍ଦ, ଲକ୍ଷ୍ମୀ ନାରାୟଣ ପାଢ଼ି, ସୁବାଷ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ରେଣୁବାଳା ପାଣି ପ୍ରମୁଖ ଯୋଗ ଦେଇ ସମସ୍ତ ସହଯୋଗ କରିଥିବା ବେଳେ ଥିବା ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।














# ଗଞ୍ଜେଇ ଚାଲାଣ ବେଳେ ୨ ଗିରଫ



**କାଲିମେଲା, ୨୩।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ପୁଲିସ ବିପୁଳ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ କାଲିମେଲା ଗ୍ରୀଡ୍ ଅଫିସ ସମ୍ମୁଖ ୩୨୬ ଜାତୀୟ ରାଜପଥ ତଥା କାଲିମେଲା ପୁଲିସ ଚେକ୍ ପୋଷ୍ଟରେ ଏକ କୁଣ୍ଡା ଓ ଧାନ ବୋଝେଇ ବିଏସ୍‌ଡବ୍ଲ୍ୟୁ ଗାଡ଼ିକୁ (ଏପି୦୫ଟି ବି-୯୩୧୦) ଅଟକ ରଖି ଯାଞ୍ଚ କରିଥିଲା। ଏହି ଗାଡି ଭିତରୁ ୬ କ୍ୱିଣ୍ଟାଲ ୩୧କିଗ୍ରା ଗଞ୍ଜେଇ ବାହାରିଥିଲା। ଏହାର ଆନୁମାନିକ ମୂଲ୍ୟ ୪୦ରୁ ୪୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଗାଡି ଡାଲାରେ ନିର୍ମିତ ଛଅ ଗୋଟି ଗୁପ୍ତ କୋଠରୀରେ ଗଞ୍ଜେଇ ଭର୍ତ୍ତି କରି ତାଉପରେ କୁଣ୍ଡା ଓ ଧାନ ରଖାଯାଇଥିଲା। ଓଡ଼ିଶାରୁ ଆନ୍ଧ୍ରକୁ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଯାଞ୍ଚ ସମୟରେ କାଲିମେଲା ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, ଏସ୍‌ଆଇ ଦ୍ରୋଣଚାରୀ ସୁନାନୀ ଓ ବିଜୟ କୁମାର ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଦୁଇ ଜଣ ଗିରଫ ହୋଇଥିବା ବେଳେ ଗାଡି ଜବତ କରାଯାଇଛି। ଜବତ ଗଞ୍ଜେଇ ଗୁଡ଼ିକୁ ମାଲକାନଗିରି ଡେପୁଟି କଲେକ୍ଟର ତଥା ମାଜିଷ୍ଟ୍ରେଟ ଗୋପିନାଥ ଖାଲକୋଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।

# କମ୍ପ୍ୟୁଟର ଅନୁଷ୍ଠାନ ଉଦ୍‌ଘାଟିତ



**ଦଶମନ୍ତପୁର, ୨୩।୧(ସମିସ):** ଦଶମନ୍ତପୁର କଲେଜ ରୋଡ଼ରେ ଓକେସିଏଲ ଫ୍ରାଞ୍ଚାଇଜ ଅନୁମୋଦିତ କସ୍ମିନ କମ୍ପ୍ୟୁଟର ଏଜୁକେସନ ନାମରେ ଏକ ଅନୁଷ୍ଠାନ ଆରମ୍ଭ ହୋଇଛି। ଉକ୍ତ ଅନୁଷ୍ଠାନର ମାଲିକ କବିତା ବିଶୋଇ, ଦଶମନ୍ତପୁର ଶିକ୍ଷକ ୟୁନିୟନର ସଭାପତି ବାସ ପ୍ରଧାନୀ ମୁଖ୍ୟଅତିଥି ଏବଂ ଅଧ୍ୟାପକ ସୁକାନ୍ତ କୁମାର ବଣୁଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରିବନ କାଟି ଅନୁଷ୍ଠାନ ଉଦଘାଟନ ହୋଇଥିଲା। ଏହି ଅବସରରେ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହି ଛାତ୍ରଛାତ୍ରୀଙ୍କୁ ଜୟପୁରସ୍ଥିତ ଏସଆଇଆଇଟି କମ୍ପ୍ୟୁଟରର ଶଶାଙ୍କ ଦାସ ପିଲାଙ୍କୁ ଶିକ୍ଷା ଦେଇଥିଲେ।

# ମହିଳା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଯାପିତ




**ସୁନାବେଡ଼ା,୨୩।୧(ସମିସ):** ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଅନୁକୁଲ୍ୟରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ସାତ ଦିନିଆ ଶୀତକାଳୀନ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ସେବା ଯୋଜନା ଶିବିର ଅନୁଷ୍ଠିତ ହେବା ମଧ୍ୟରେ ମୁଖ୍ୟଅତିଥି ଭାବେ ଶେଖ ଇବ୍ରାହିମ, ସଭାପତି ଡ. ଉମାଶଙ୍କର ପ୍ରସାଦ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଅଧ୍ୟକ୍ଷା ଉଷାରାଣୀ ଦାସ, ଡ. ହରିପାଙ୍ଗି, ଯୋଗଗୁରୁ, ଇଂ. ଅଭୟ କୁମାର ସାହୁ, ଆର୍ଟ ଅଫ ଲିଭିଂର ଦେବପ୍ରକାଶ ସ୍ୱାଇଁ, ଆଡଭୋକେଟ୍ ଲିଜା କୁଳଦିପ ଯୋଗଦେଇଥିଲେ। ଏହି ୭ ଦିନିଆ ଶିବିରରେ ବିଭିନ୍ନ ପ୍ରକାରର ଶିକ୍ଷା ଯୋଗ(ମାନସିକ ଏବଂ ଶାରିରୀକ ସୁସ୍ଥତା) ଦେଶୀୟ ଏବଂ ପାରମ୍ପରିକ ଔଷଧ ଦ୍ୱାରା ରୋଗ ଦୂରୀକରଣ, କୌଶଳ ବିକାଶ, ବ୍ୟକ୍ତିତ୍ୱର ପରିପ୍ରକାଶ, ଲିଡରସିପ୍, ବିଭିନ୍ନ ପ୍ରକାରର ସଞ୍ଚୟ, ନାରୀ ପାଇଁ ଆଇନଗତ ସୁବିଧା, ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଆଦି ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଶେଷଦିନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କ୍ଷୀରୋଧ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ସଭାପତି ଡ. ଉମାଶଙ୍କର ପ୍ରସାଦ ପାତ୍ର, ଅଧ୍ୟକ୍ଷା ଉଷାରାଣୀ ଦାସ, ଶିକ୍ଷା ବିଭାଗର ଅଧ୍ୟାପିକା ବାସନ୍ତି ପଟ୍ଟନାୟକ, ଇତିହାସ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ପରିଡ଼ା ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରଶ୍ମିତା କେଣ୍ଡୁକା ସାତ ଦିନର ବିବରଣୀ ପାଠ କରିଥିବାବେଳେ ଶେଷରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ଅତିଥି ଏବଂ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଭାଷା ସୃଜନଶୀଳତା ଉତ୍ସବ

**ପୋଡ଼ାଗଡ଼, ୨୩।୧(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଭାଷା ସୃଜନଶୀଳ ଉତ୍ସବ ଏବଂ କ୍ରୀଡା ସାହିତ୍ୟ କୃଷି ଇତ୍ୟାଦି ବିଷୟରେ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦଶମନ୍ତପୁର ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ ଯୋଗ ଦେଇ ଥିବା ବେଳେ ମୁଖ୍ୟବକ୍ତାଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌଧୁରୀ ରବି ନାରାୟଣ ନନ୍ଦ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ପ୍ରଦର୍ଶନୀକୁ ଆରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ବିଷୟ ବୁଲି ଦେଖିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ଭାଷା ସାହିତ୍ୟ ପ୍ରତିଯୋଗିତା ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ପାଠ ପଢ଼ିବା ସହିତ ଓଡ଼ିଆ ଭାଷାକୁ ଶୀର୍ଷରେ ରଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ସାବତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟଜୟ ଟାକରି, ମୋ ସ୍କୁଲ ଅଭିଯାନ ସଭାପତି ଜୁଲିଉସ ଖରା, ଉପଦେଷ୍ଟା ସୁରେଶ କୁଳଦୀପ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ପୁରସ୍କାର ବିତରଣ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ନାଗ ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷ ସରୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଁ ପାଇଁ ମଞ୍ଜୁର ରାସ୍ତା ଆଶ୍ରମ ବିଦ୍ୟାଳୟରେ ହୋଇଲା

## ● ରାସ୍ତା ଚୋରି ଅଭିଯୋଗରେ ଗ୍ରାମବାସୀଙ୍କ ବ୍ଲକ ଘେରଉ ନିଷ୍ପତ୍ତି



**ମାଥିଲି, ୨୩।୧(ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଗମନାଗମନ ପାଇଁ ଅନେକ ଯୋଜନା କରିଛନ୍ତି। ସରକାରଙ୍କ ଏହି ଜନହିତକର ଯୋଜନା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଆଜି ମଧ୍ୟ ସମସ୍ୟା ଭୋଗୁଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିର ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତର ପୋଡ଼ାଗୁଡା ଗ୍ରାମରେ। ଏଠାରେ ସିସି ରାସ୍ତା ନିର୍ମାଣ ପାଇଁ ବିକେବିକେ ଯୋଜନା ମାଧ୍ୟମରେ ଗତ ୨୦୨୦-୨୦୨୧ରେ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଗ୍ରାମକୁ ସିସି ରାସ୍ତା ହେବା ଜାଣି ଗ୍ରାମବାସୀ ଖୁସି ପ୍ରକଟ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ସେହି ରାସ୍ତାକୁ ପୋଡ଼ାଗୁଡା ଗ୍ରାମରେ ନିର୍ମାଣ କରିବା ବଦଳରେ ପାଙ୍ଗାମ ଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ନିର୍ମାଣ କରାଇଥିଲେ। ତେବେ ନିର୍ମାଣ ହୋଇଥିବା ଉକ୍ତ ସିସି ରାସ୍ତାର ନାମଫଳକରେ ପୋଡ଼ାଗୁଡା ଗ୍ରାମ ରାସ୍ତା ନିର୍ମାଣ ଲେଖାଯାଇଛି। ପୋଡ଼ାଗୁଡାର ବାସିନ୍ଦା ତଥା ପାଙ୍ଗାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଡମ୍ବୁରୁଧର ପୂଜାରୀ ଓ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଏହା ଦେଖିବା ପରେ ଏହାର ପ୍ରତିବାଦ କରିବା ସହିତ ରାସ୍ତା ଚୋରି ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗ୍ରାମାଞ୍ଚଳ ଉନ୍ନତିକରଣ ପାଇଁ ରାସ୍ତା ନିର୍ମାଣ ନାମରେ ସ୍ଥାନ ପରିବର୍ତ୍ତନ କରି ଅନ୍ୟତ୍ର ରାସ୍ତା କାହା ସ୍ୱାର୍ଥରେ ନିର୍ମାଣ ହୋଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୧ ତାରିଖରେ ପୋଡ଼ାଗୁଡାର ଗ୍ରାମବାସୀ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟ ଘେରଉ ଓ ଗଣଧାରଣ କରିବେ ବୋଲି ଆଜି ମାଥିଲି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣେଇବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗାଁକୁ ଗସ୍ତକରି ସମସ୍ୟା ବୁଝିଲେ ବିଧାୟକ

**ମାଥିଲି, ୨୩।୧(ସମିସ):** ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ଓ ତାହାର ସମାଧାନ କରବା ପାଇଁ ବିଧାୟକ ଓ ନେତାମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମାଥିଲି ବ୍ଲକ ଅନ୍ତର୍ଗତ କଉାପାଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଜନମଙ୍ଗଳକାରୀ ସୁବିଧା ଏଠାରେ କିପରି ଲୋକଙ୍କୁ ସେବା ଯୋଗାଉଛି ଏବଂ ଅଞ୍ଚଳରେ ଆଉ କଣ ସବୁ ସମସ୍ୟା ରହିଛି, ତାହା ବୁଝିବା ନିମନ୍ତେ ଲୋକଙ୍କ



ସହିତ ସିଧାସଳଖ ଆଲୋଚନା କରିଛନ୍ତି। ଲୋକଙ୍କ ଠାରୁ ବିଭିନ୍ନ ବିଷୟରେ ଅବଗତ ପରେ ଅଞ୍ଚଳରେ ଥିବା ସମସ୍ୟାର ତ୍ୱରିତ ସମାଧାନ ଏବଂ ସମସ୍ତ ପ୍ରକାର ସୁବିଧା ସହ ଅନ୍ୟାନ୍ୟ ମୌଳିକ ସୁବିଧା ସବୁ ଅତିଶୀଘ୍ର ସେଠାରେ ଉପଲବ୍ଧ କରିବାକୁ ବିଧାୟକ ଶ୍ରୀ ବାକା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଶେଷ କରି ଅଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ସହ ଏହି ଅବସରରେ ବିଧାୟକ ଶ୍ରୀ ବାକା ଆଲୋଚନା ମଧ୍ୟ କରିଥିଲେ। ମହିଳାମାନେ ମଧ୍ୟ କିପରି ରୋଜଗାରକ୍ଷମ ଏବଂ ସ୍ୱାବଲମ୍ବୀ ହେବେ ସେନେଇ ଆଲୋଚନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ପଞ୍ଚାୟତର ବରିଷ୍ଠ କର୍ମୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଏଡିଜିଙ୍କ ଦୁଇଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ



**ମାଲକାନଗିରି, ୨୩।୧(ସମିସ):** ରାଜ୍ୟ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଅପରେସନ) ଏସ.ଦେବଦତ୍ତ ସିଂହ ଦୁଇଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ମାଓ ଗତିବିଧି ଓ ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି। ଏଡ଼ିଜି ଶ୍ରୀ ସିଂହ ମଙ୍ଗଳବାର ଜିଲ୍ଲାର ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତ ତୁଳସୀ ବିଏସଏଫ କ୍ୟାମ୍ପ ପରିଦର୍ଶନ କରି ପୁଲିସ ଦ୍ୱାରା ଅନୁଷ୍ଠିତ ଜନସମ୍ପର୍କ ଶିବିରକୁ ଉଦଘାଟନ କରି ଲୋକଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ପୋଲିସ ଓ ବିଏସଏଫ ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ ନିଯୋଜିତ ହୋଇଥିବା ପ୍ରକାଶ କରିଥିଲେ। ଏ ଅବସରରେ ଶ୍ରୀ ସିଂହ ଗ୍ରାମବାସୀଙ୍କୁ ପୋଷାକ, ଶାଢ଼ୀ ବଣ୍ଟନ କରିବା ସହ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ସାମଗ୍ରୀ ଓ ଶିକ୍ଷା ଉପକରଣ ବଣ୍ଟନ କରିଥିଲେ। ଗତକାଲି ସେ ବିଏସଏଫ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଓ ବରିଷ୍ଠ ବିଏସଏଫ ଅଧିକାରୀଙ୍କ ସହ ମାଓ ଗତିବିଧି ସମ୍ପର୍କରେ ଆଲୋଚନା କରିବା ସହ ଆକ୍ରାମକ ଓ ଫଳପ୍ରଦ ଅପରେସନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ବୋଲି ଜଣାପଡ଼ିଛି। ଏଥିସହ ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂ ଓ ଏସପି ନିତେଶ ୱାଧୱାନୀଙ୍କ ସହ

## ■ ମାଓ ଗତିବିଧି ଓ ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା

ସାମଗ୍ରୀକ ବିଷୟ ଉପରେ ଆଲୋଚନା କରିଥିଲେ। ପରେ ସ୍ୱାଭିମାନ ଅଞ୍ଚଳର ଗୋରାସେତୁ ଓ ହନ୍ତାଳଗୁଡ଼ା ବିଏସଏଫ ଶିବିର ପରିଦର୍ଶନ କରି ବରିଷ୍ଠ ଅଧିକାରୀଙ୍କ ସହ ମାଓ ଗତିବିଧି ଉପରେ ସମୀକ୍ଷା କରିଥିଲେ। ଏହା ସହ ଯୋଡ଼ାମ୍ବୁ ଓ ପାପରମେଟଲା ଥାନା ପରିଦର୍ଶନ କରି ପୁଲିସ ଅଧିକାରୀଙ୍କ ସହ ସେଠାକାର ସ୍ଥିତକୁ ନେଇ ଆଲୋଚନା କରିଥିଲେ।

# ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ

**ମାଥିଲି, ୨୩।୧(ସମିସ)**



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ମାଥିଲି ବ୍ଲକଠାରେ ବିଜୁ ଜନତା ଦଳ ତରଫରୁ ପଞ୍ଚାୟତ ସଭାପତିମାନଙ୍କୁ ନେଇ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ବ୍ଲକ ସଭାପତି ବିଦ୍ୟାଧର ପୂଜାରୀଙ୍କ ନେତୃତ୍ୱରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗ ଦେଇଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା କିପରି ଲୋକମାନଙ୍କୁ ଅବଗତ କରାଇବା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇ ପାରିବେ ସେଥିପାଇଁ ତୃଣମୂଳସ୍ତରର କର୍ମୀମାନଙ୍କ ନିକଟରେ ପ୍ରତ୍ୟେକ ପଞ୍ଚାୟତ ସଭାପତିମାନେ ଚେଷ୍ଟା ଜାରି ରଖିବା ପାଇଁ ବ୍ଲକ ସଭାପତି ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଯେପରି ବିଜୁ ଜନତା ଦଳ ବ୍ଲକ ତଥା ନିର୍ବାଚନମଣ୍ଡଳୀରେ ପୂର୍ବ ଅପେକ୍ଷା ଆହୁରି ଭଲ ପ୍ରଦର୍ଶନ କରିବା ସହିତ ବିଜୁ ଜନତା ଦଳ ତଥା ନବୀନ ପଟ୍ଟନାୟକ ହାତମୁଠାକୁ ଆହୁରି ମଜବୁତ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏହି ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ତୁଳସୀରାମ ଦଳେଇ, ସୋନୁ ଗୌଡ଼, ଗୋଲାପ ଜାଲାରି, ହାତୀରାମ ବଂଜାରା, ଗୋପୀ ପୂଜାରୀ, ଡମ୍ବୁ ପେରମା, ସୁରି ସିଂହରେଡ୍ଡୀ ଶ୍ରୀଧର ନାୟକ, ମୋହନ ରାଓ, ସହଦେବ ପୂଜାରୀ, କୃଷ୍ଣ ପୂଜାରୀ, କୁଷ୍ଟ ଗୌଡ଼ ପ୍ରମୁଖଙ୍କ ସହ ସମସ୍ତ ୨୦ଟି ପଞ୍ଚାୟତର ସଭାପତିମାନେ ଉପସ୍ଥିତ ଥଲେ।

# ଆଦିବାସୀଙ୍କ ପ୍ରସିଦ୍ଧ ବାର୍ଷିକ ମଣ୍ଡେଇ ଯାତ୍ରା ପାଳିତ

**କୋଷାଗୁମୁଡ଼ା,୨୩।୧(ସମିସ)**

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ କୋଟାଗାଁ, ତାରାଗାଁ ଗ୍ରାମରେ ଆଦିବାସୀଙ୍କ ପ୍ରସିଦ୍ଧ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂଜା କମିଟି ମଧ୍ୟରେ କୌଣସି କାରଣକୁ ନେଇ ଚଳିତ ବର୍ଷର ଯାତ୍ରା ପାଳନ ନକରିବାକୁ ନେଇ ଏହି କିଛିଦିନ ପୂର୍ବରୁ ସ୍ଥାନୀୟ କମିଟି ଏବଂ ଜନସାଧାରଣ ଅରାଜି ହୋଇଥିଲେ। ପ୍ରାୟ ୨୦୦ବର୍ଷର ମଣ୍ଡେଇ ଯାତ୍ରାକୁ ବନ୍ଦ କରିବା ଭଳି ପରିସ୍ଥିତି ଆସିଥିଲା। ପରେ ସ୍ଥାନୀୟ କିଛି ବୁଦ୍ଧିଜୀବୀ ଏବଂ ପୁଲିସ ପ୍ରଶାସନର ହସ୍ତକ୍ଷେପ ପରେ ମଙ୍ଗଳବାର ନିରାଡ଼ମ୍ବରରେ ପୂଜାର୍ଚ୍ଚନା କରିବା ପାଇଁ ରାଜିହୋଇଥିଲେ। ଏହି ମଣ୍ଡେଇ ଯାତ୍ରା ପାଳନକୁ ନେଇ ଦୁଇଦୁଇ ଥର ବୈଠକରେ କଥା କଟାକଟି ମତାନ୍ତର ଚାଲିରହିଥିଲା। ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଏବଂ ଦୁଇଦିନ ବହୁ ସାଜସଜ୍ଜା, ଲୋକନୃତ୍ୟ, ରଙ୍ଗୀନ ଆଲୋକ, ତୋରଣରେ ସଜିତ କରି ନିଜର ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ନିଜ ଗ୍ରାମ ଦେବାଦେବୀଙ୍କ ପୀଠରେ ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଜାନୁଆରୀ ଚତୁର୍ଥ ମଙ୍ଗଳବାର ୨୩ ତାରିଖରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ପାଇଁ ପୂର୍ବରୁ କମିଟି ପକ୍ଷରୁ ତିଥି, ସମୟ ଓ ଦିନ ସ୍ଥିର ହୋଇଥିଲା। ପ୍ରଥମେ ଆଟିଗାଁ ,ତାରାଗାଁ ଓ ଆଖପାଖ ଗ୍ରାମରୁ ଶତାଧିକ ଦେଓ ଲାଠି, କୁର୍ଚି, ପାଲିଙ୍କି ଆସି ଗୋଟିଏ ଜାଗାରେ ରୁଣ୍ଡ ହୋଇଥିଲେ। ତାପରେ ଗ୍ରାମର ମୁଖ୍ୟ ଦେବତାଙ୍କ ଆଜ୍ଞାମାଳ ଆସିବା ପରେ ଗ୍ରାମର ସମସ୍ତ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ଲାଠି, କୁର୍ଚି ଓ ପାଲିଙ୍କି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସ୍ଥାନୀୟ ମୁଖ୍ୟ ଦେବାଦେବୀ ମନ୍ଦିର ପୂଜାରୀ, ଶିରା, ଚଲାଣ ଓ ଗାଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ଦେବାଦେବୀଙ୍କ ପୂଜାପାଠ କରିଥିଲେ। ବିଶ୍ୱାସ କରାଯାଏ କି ଗ୍ରାମର ଦେବାଦେବୀଙ୍କୁ ପୂଜାପାଠ କରି ସନ୍ତୁଷ୍ଟ କଲେ ଅଞ୍ଚଳରେ ରୋଗବ୍ୟାଧି , ମହାମାରୀ ଆସେ ନାହିଁ ଓ ଚାଷବାସ, ଫସଲ ଭଲ ହୋଇଥାଏ ଏବଂ ଗ୍ରାମର ମଙ୍ଗଳ ହେବା ସହ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବିଶ୍ୱାସ କରି ଲୋକମାନେ ପରମ୍ପରା ଅନୁଯାୟୀ ଏହି ପାର୍ବଣକୁ ପାଳନ କରିଆସୁଛନ୍ତି।

# ମା’ କଣ୍ଟାବାଉଁଶୁଣୀଙ୍କ ପୁଷ ପୁନେଇଁ ପରବ

**ଦାମନଯୋଡ଼ି,୨୩।୧(ସମିସ):** ଦାମନଯୋଡ଼ିର ଆରାଧ୍ୟା ଦେବୀ ମା’ କଣ୍ଟାବାଉଁଶୁଣୀଙ୍କ ପୁଷ ପୁନେଇଁ ପରବ (ପୌଷ ପର୍ବ ) ମଙ୍ଗଳବାର ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ନିକଟବର୍ତ୍ତୀ ମଙ୍ଗଳବାର ଦିନ ମା’ଙ୍କ ଏହି ପର୍ବ ପାଳିତ ହୋଇଥାଏ। ମଙ୍ଗଳବାର ସକାଳଠାରୁ ମା’ଙ୍କ ବାପଘର ଥିବା ଗାଁ ସିନ୍ଧିପାର ସହିତ କଣ୍ଟାଗୁଡ଼ା, ଗାଦିପାବିଲି ଓ ଡୁମୁରିଗୁଡ଼ାର ଯୁବକମାନେ ମା’ଙ୍କ ପୀଠକୁ ସଫାସୁତୁରା କରି ସାଜସଜ୍ଜା କରିଥିଲେ। ଗ୍ରାମବାସୀ ଅତ୍ୟନ୍ତ ନିଷ୍ଠାର ସହିତ ଉପବାସ ରହି ଖାଲି ପାଦରେ ଛଅ କିଲୋମିଟର ଦୂର ମା’ଙ୍କ ପୀଠକୁ ଆସିଥିଲେ। ଅପରାହ୍ନରେ ମା’ଙ୍କ ପିତୁଳାକୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡରେ(ଜନ୍ମସ୍ଥାନ) ସ୍ଥାପନ କରାଯାଇଥିଲା। ମା’ଙ୍କ ଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିକୁ ମଧ୍ୟ ନାଭିକୁଣ୍ଡରେ ସ୍ଥାପନ କରାଯାଇଥିଲା। ପରମ୍ପରା ମୁତାବକ ସ୍ୱତନ୍ତ୍ରଭାବେ ସଦ୍ୟପ୍ରସ୍ତୁତ ଜଡ଼ାତେଲ, ଚନ୍ଦନ, ଘିଅ, ଚୁନା, ହଳଦୀ ଓ ସିନ୍ଦୁର ଆଦି ମା’ଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମା’ଙ୍କ ବାପଘରୁ ପାଟଖଣ୍ଡା ଅଣାଯିବାପରେ ମା’ଙ୍କୁ ଶିମ୍ବଫୁଲ, ମନ୍ଦାର, ଗେଣ୍ଡୁ ଫୁଲ, ଅରୁଆ ଚାଉଳ ଆଦି ସହିତ ନାଲି ଶଙ୍ଖା, ସିନ୍ଦୂର, ବସ୍ତ୍ର, ନଡ଼ିଆ ଓ କଦଳୀ ଆଦି ଲାଗି କରାଯାଇ ପୂଜା କରାଯାଇଥିଲା। ଭକ୍ତଙ୍କ ସମର୍ପିତ ଭୋଗ ସହିତ ମଙ୍ଗଳବାର ଅନ୍ନଭୋଗ ମଧ୍ୟ ଲାଗି କରାଯାଇଥିଲା। ପାରମ୍ପରିକ ଗୀତ ନାଚ ଓ ବାଦ୍ୟ ମା’ଙ୍କ ପୀଠକୁ ଅତ୍ୟନ୍ତ ଭକ୍ତି ଭାବମୟ ପରିବେଶ ସୃଷ୍ଟି କରିଥିଲା। ଗୁରୁମାଇଙ୍କ ସହ ପୁରୋଧା ରାମ ମୁଦୁଲି, ଧନୁର୍ଜୟ ମୁଦୁଲି, ମଦନ ମୁଦୁଲି ଓ ଦୀନବନ୍ଧୁ ମୁଦୁଲି ପୂଜା ନୀତି କରିଥିଲେ। ନିୟମିତ ପୂଜକ ଅର୍ଜୁନ ଦାମି, ବାସୁ ବଡ଼ନାୟକ ଓ ଜର ବଡ଼ନାୟକଙ୍କ ସହିତ ଗୋପୀ ମୁଦୁଲି, ପୀତୁ ବଡ଼ନାୟକ,



ରାମ ନାୟକ, ତ୍ରିଲୋଚନ ମାଳି, ଭକ୍ତରାମ ପୂଜାରୀ, ତ୍ରିନାଥ ମାଳି, ମୂରଲୀ ନାୟକ, ଦିବାକର ଗୁଣ୍ଡା, ରାଜେଶ ପୂଜାରୀ, ମୂରଲୀ ଲମତା, ଅରୁଣ ପ୍ରଧାନ, ନୀଳକଣ୍ଠ ଗୁଣ୍ଡା, ରଘୁ ଗୁଣ୍ଡା, ଭାଗିରଥି ଗୁଣ୍ଡା, ରତ୍ନାକର ନାୟକ, ଦଶରଥ ମାଳି, ଦୁର୍ଯ୍ୟୋଧନ ମାଳି, ନରେଶ ପାତ୍ର, ପବିତ୍ର ଲମତା, ସଦା ଗାଦବା, ଦୀନବନ୍ଧୁ ଲମତା, ବଳଭଦ୍ର ମାଳି, ଚୈତନ୍ୟ ମାଳି, ହରିହର ନାୟକ, ଗୌତମ ରାଜୁ, ବୃନ୍ଦାବନ ଦଳେଇ ଓ ବ୍ରିଜେଶ ପୂଜାରୀ ପ୍ରମୁଖ ନୀତିକାନ୍ତିରେ ସହଯୋଗ କରିଥିଲେ। ମା’କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀ ସଭାପତି ଜେକେ ନାହାକ, ସମ୍ପାଦକ କୃତିବାସ ରାଜୁଙ୍କ ସହ କର୍ମକର୍ତ୍ତା ପିକେ ମୁନୀ, ଲୋକନାଥ କୁଳଦୀପ, ଶଙ୍କର୍ଷଣ ବିଶ୍ୱାଳ, ପ୍ରେମଜିତ ବୋଷସଦା ଦାମି, ଆର୍‌ଏନ୍ ମୁଦୁଲି, ଧନୁର୍ଜୟ ଦାମି, ମହେନ୍ଦ୍ର ଖଟୁଆ ଓ ଖଦାଳ ନାୟକ ପ୍ରମୁଖ ବିଭିନ୍ନ ବ୍ୟବସ୍ଥାରେ ସହଯୋଗ କରିଥିଲେ। ପୀଠକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା ଦାମନଯୋଡିର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ମା’ଙ୍କ ଭଜନ ପରିବେଷଣ କରାଯାଇଥିଲା।

# ଚିକିତ୍ସା ଅବହେଳାରୁ ଗର୍ଭବତୀ ହରିଣୀର ମୃତ୍ୟୁ ଅଭିଯୋଗ



**ବୈପାରିଗୁଡ଼ା, ୨୩।୧(ସମିସ)**

ବୈପାରିଗୁଡା ବ୍ଲକରେ ଚିକିତ୍ସା ଅବହେଳା କାରଣରୁ ଗୋଟିଏ ଗର୍ଭବତୀ ହରିଣୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ କିଛି ସମୟ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନାପ୍ରକାରେ ବୈପାରିଗୁଡା ସହରର ଗୁଣ୍ଡାଗୁଡ଼ା ଗ୍ରାମର ଜନବସତିକୁ ଚାଲି ଆସିଥିବା ଏକ ଗର୍ଭବତୀ ହରିଣୀକୁ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଜଙ୍ଗଲରୁ ହରିଣଟି ଗ୍ରାମ ଭିତରୁ ପଶି ଆସିବା ପରେ ଗାଁ ଲୋକ ହରିଣକୁ ଧରି ସ୍ଥାନୀୟ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀ, ବନପାଳ ଲଳିତା ହରିଜନ ଓ ଅନ୍ୟ ଫରେଷ୍ଟର, ଫରେଷ୍ଟର ଗାର୍ଡ ଓ ସ୍କ୍ୱାର୍ଡ କର୍ମଚାରୀମାନେ ତତକ୍ଷଣାତ ସେଠାକୁ ଯାଇ ଗ୍ରାମବାସୀଙ୍କ ଗହଣରୁ ହରିଣଟିକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଣୀ ଚିକିତ୍ସକମାନେ ଛୁଟିରେ ଥିବାରୁ ଅନ୍ୟ କର୍ମଚାରୀମାନେ ପହଞ୍ଚି ଚିକିତ୍ସା କରିଥିଲେ। ହରିଣୀକୁ ଚିକିତ୍ସାଳୟର କର୍ମଚାରୀ ଏକ ଇଞ୍ଜେକ୍ସନ୍ ଦେବା ପରେ ହରିଣଟିର ମୃତ୍ୟୁ ହୋଇଯାଇଥିବା ଚର୍ଚ୍ଚା ହେଉଛି। ତେବେ ଚିକିତ୍ସାଧୀନ ଅବସ୍ଥାରେ ହରିଣର ମୃତ୍ୟୁକୁ ନେଇ କିଛି ସମୟ ପାଇଁ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଚିକିତ୍ସାରେ ଅବହେଳା ପାଇଁ ହରିଣୀଟିର ମୃତ୍ୟୁ ଘଟିଥିବା ଦଶମନ୍ତପୁର ପଞ୍ଚାୟତର ସରପଞ୍ଚ ଆର. ରୋହିତ କୁମାରଙ୍କ ସହ ସେଠାରେ ଉପସ୍ଥିତ ଥିବା କିଛି ବୈପାରିଗୁଡାର ଯୁବକ ଅଭିଯୋଗ କରି ହୋହାଲ୍ଲା କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପ

# ୧ ଲକ୍ଷ ହେକ୍ଟର ଜମିରେ ହେବ କଫି ଚାଷ; ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ

**କୋରାପୁଟ, ୨୩।୧(ସମିସ):**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଜ୍ୟରେ ୧ ଲକ୍ଷ ହେକ୍ଟର ଜମିରେ ୧୧୪୪ କୋଟି ଟଙ୍କା ବ୍ୟୟରେ କଫି ଚାଷ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଏହାକୁ କଫି ଚାଷୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଏହାକୁ ନେଇ ଏବେ କଫି ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି ଓଡ଼ିଶା କଫି ଚାଷୀ ମହାସଂଘ ଉପସଭାପତି ସୁଜୟ ପ୍ରଧାନ ମତବ୍ୟକ୍ତ କରିବା ସହ



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ ରାଜ୍ୟରେ ସରକାରୀସ୍ତରରେ ପ୍ରାୟ ୩ ହଜାର ହେକ୍ଟର ଜମିରେ କଫି ଚାଷ ହେଉଛି। ଯାହାକି ଅନେକ ଆଦିବାସୀ ପରିବାରକୁ ସ୍ୱାବଲମ୍ବୀ କରି ପାରିଛି। ଏକ ଲକ୍ଷ ହେକ୍ଟର ଜମିରେ କଫି ଚାଷ ହେବା ଯୋଗୁଁ ରାଜ୍ୟର ହଜାର ହଜାର ପରିବାରଙ୍କ ଆର୍ଥିକ ସ୍ଥିତିରେ ବୈପ୍ଳବିକ ପରିବର୍ତ୍ତନ ହେବ ବୋଲି ଶ୍ରୀ ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି। ବିଶେଷ କରି କୋରାପୁଟ ଜିଲ୍ଲାର ଅନେକ ଅଞ୍ଚଳ କଫି ଚାଷ ପାଇଁ ଅତ୍ୟନ୍ତ ଉପଯୁକ୍ତ ହୋଇଥିବାରୁ ରାଜ୍ୟ ସରକାର କୋରାପୁଟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସେ କୋରାପୁଟ ଜିଲ୍ଲାରେ କଫି ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନ ପାଇଁ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଗୁପ୍ତେଶ୍ୱର ଦେଶୀୟ ଓ ଚେରମୂଳି ଔଷଧ ଗବେଷଣାକେନ୍ଦ୍ର ପରିଦର୍ଶନ



**ସୁନାବେଡ଼ା,୨୩।୧(ସମିସ):** ସୁନାବେଡ଼ା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ୱାଇଆରସିର ମିଳିତ ଅନୁକୂଲ୍ୟରେ ୫୦ଜଣ ସ୍ୱେଚ୍ଛାସେବୀ ସେମିଳିଗୁଡ଼ାସ୍ଥିତ ଡଳିଆମ୍ବରେ ଥିବା ଶ୍ରୀଗୁପ୍ତେଶ୍ୱର ଚେରମୂଳି ଔଷଧ,ପାରମ୍ପରିକ ବିଜ୍ଞାନ ଓ ଗବେଷଣା କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ଗବେଷକ ହରି ପାଙ୍ଗି ଛାତ୍ରୀମାନଙ୍କୁ ବିଭିନ୍ନ ଦେଶୀୟ ଓ ଚେରମୂଳି ଯଥା-ଭୂଇଁ ଅଁଳା, ନିମ୍ବ ତୁଳସୀ, କୁବେର, କାଇଁଚ, କଣ୍ଟାକୋଳି, ମେହେନ୍ଦି, ଭୃଙ୍ଗରାଜ, ଗଙ୍ଗଶିଉଳି, ଲାଜକୋଳି ଲତା, ଲାଲଗତ, ଡାଳିମ୍ବ ଆଦି ଦେଶୀ ଗଛର ପତ୍ର, ଚେର ଦ୍ୱାରା କିପରି ବିଭିନ୍ନ ରୋଗ ଯେପରିକି କ୍ୟାନସର୍, ପାଟି ଘାଆ, ଆଣ୍ଠୁଗଣ୍ଠି ବାତ, ନାକରୁ ରକ୍ତ ପଡ଼ିବା, ମଧୁମେହ ଏବଂ ସୁଗାର ଆଦି ବିଭିନ୍ନ ରୋଗରୁ ଉପଶମ ପାଇବାର ଉପାୟମାନ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଉଷାରାଣୀ ଦାସ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକାର ଆଲୋଚନା ମଧ୍ୟରେ ସ୍ୱେଚ୍ଛାସେବୀମାନଙ୍କ ଜ୍ଞାନ ବଢ଼ାଇଥିଲେ। ୱାଇଆର୍ସି କାଉନସିଲର ଶୁଭଶ୍ରୀ ପରିଡ଼ା, ଏନ୍ଏସ୍ଏସ୍ ପ୍ରୋଗାମ ଅଫିସର ସରିତା ପରିଡ଼ା ଓ ଜୟନ୍ତ ସାମଲ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ସ୍ୱେଚ୍ଛାସେବୀମାନେ ମଧ୍ୟ ନିଜନିଜର ବିଭିନ୍ନ ରୋଗ ବିଷୟରେ ପଚାରି ତାର ନିରାକରଣ ଉପାୟମାନ ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଶୀତକାଳୀନ ବିଶେଷ ଶିବିରର ଷଷ୍ଠ ଦିନରେ ଅନୁଷ୍ଠିତ କରାଯାଇଥିଲା। ସମସ୍ତ ଆୟୋଜନ ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସ ଏବଂ ସୁନାବେଡ଼ା ମ୍ୟୁନିସିପାଲଟିର ଚେୟାରମ୍ୟାନ ଡ. ରାଜେନ୍ଦ୍ର ପାତ୍ରଙ୍କ ଦ୍ୱାରା ସମ୍ଭବ ପର ହୋଇଥିଲା।

# ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସାଧାରଣ ବୈଠକ

**କୋଷାଗୁମୁଡ଼ା,୨୩।୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକସଦରସ୍ଥିତ ସ୍ଥାନୀୟ ରାଜା ଚାଉଁରିଆ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ନୂତନ ରାମ ମନ୍ଦିର ନିର୍ମାଣ ପାଇଁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କମିଟି ଚୟନ ହୋଇଯାଇଛି। ଉକ୍ତ ବୈଠକରେ ଗ୍ରାମର ସମସ୍ତ ଯୁବକ, ବୟୋଜ୍ୟେଷ୍ଠ ବ୍ୟକ୍ତି, ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଶ୍ରୀରାମ ମନ୍ଦିର ନିର୍ମାଣ ମାଉସୀ ମା' ମନ୍ଦିର ନିକଟସ୍ଥ ଖାଲି ପଡ଼ିଥିବା ସ୍ଥାନରେ କରିବାକୁ ଧାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଚୟନ ହୋଇଥିବା ନୂତନ କମିଟିରେ ସରପଞ୍ଚ ଡାଳିମ୍ବ ମାଝୀଙ୍କୁ ସଭାନେତ୍ରୀ ଭାବେ ଚୟନ କରାଯାଇଥିବାବେଳେ ଉପ ସଭାପତି ଭୁବନେଶ୍ୱର ନାୟକ, କୋଷାଧ୍ୟକ୍ଷ ମୋହିତ ଜୈନ, ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସହ ସମ୍ପାଦକ ଭାବେ ଦିବାକର ପୂଜାରୀଙ୍କୁ ସର୍ବ ସହମତିରେ ଚୟନ କରାଯାଇଥିଲା। ଏଥିସହ ୧୧ ଜଣିଆ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଏବଂ ୧୧ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ଏଥିରେ ମଧୁସୂଦନ ଭତ୍ରା, ବାଳକୃଷ୍ଣ ମାଦଳା, ଦେବାନନ୍ଦ ପଟ୍ଟନାୟକ, ଧନୁର୍ଜୟ ବେହେରା, ଭି. ପ୍ରସାଦ ରାଓ, ବଳବାନ ସିଂ, ରବି ନାୟକ, ପ୍ରଭୁ ନାଥ ପୂଜାରୀ, ଶିବସେନା ମିର୍ଗାନ, ସୁରେଶ ପାତ୍ର, କମଳା କାନ୍ତ ବିନ୍ଧାଣୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିଲା। ଏଥି ସହିତ ଆଗାମୀ ଦିନରେ ଶ୍ରୀରାମ ମନ୍ଦିର ନିର୍ମାଣ, ମନ୍ଦିର ପରିଚାଳନା ନିମନ୍ତେ ସମସ୍ତେ ମିଳିମିଶି କାମକୁ ଆଗେଇ ନେବା ପାଇଁ ସ୍ଥିର କରାଯାଇଥିଲା।

# ଅମଲା ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ବୈଠକ



**କୋରାପୁଟ, ୨୩।୧(ସମିସ):** ସ୍ଥାନୀୟ ଦକ୍ଷତାବିକାଶ ତାଲିମ କେନ୍ଦ୍ରଠାରେ ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖା କୋରାପୁଟ ତରଫରୁ ଏକ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ, ଜଳସମ୍ପଦ, ବିତ୍ତ, ବନ, କୃଷି, ଜାତୀୟ ରାଜପଥ ବିଭାଗ ଏବଂ ରାଜସ୍ୱ ବିଭାଗର ସଦସ୍ୟମାନେ ଯୋଗଦାନ କରିଥିଲେ। ଅମଲା ସଂଘକୁ ଶୀର୍ଷରେ ପହଞ୍ଚାଇବା ସହିତ ସମୂହ ବିକାଶ ପାଇଁ ବୈଠକରେ ଅଧ୍ୟକ୍ଷତା କରି ସଂଘର ସଭାପତି ନିତ୍ୟାନନ୍ଦ ଭତ୍ରା କହିଥିଲେ। ସମ୍ପାଦକ ମନୋଜ କୁମାର ବାରିକ ପ୍ରଥମେ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅମଲା ସଂଘର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଅମଲା କୁଟୀରର ପୁନରୁଦ୍ଧାର କରି ନବୀକରଣ ଏବଂ ଆଧୁନିକୀକରଣର ରୂପରେଖ ଦେବା ପାଇଁ ଆଲୋକପାତ କରିଥିଲେ। ଏହାକୁ ସର୍ବସମ୍ମତିରେ ପାରିତ କରାଯାଇଥିଲା। ପରିଶେଷରେ ସଂଘର କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ ସମସ୍ତ ବକେୟାରାଶି ସଂଗ୍ରହ ଏବଂ ଖର୍ଚ୍ଚର ବିଶଦ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ପ୍ରଶନ୍ନ ନାୟକ, ଅନୀଲ ନୟନ ପାତ୍ର ଏବଂ ଅନୁପମ ମହାରଣା ଯୋଗଦାନ କରି ସଂଘକୁ ମଜବୁତ କରିବା ସହିତ ଅମଲାଙ୍କ ସୁଖ ଏବଂ ଦୁଃଖରେ ସାମିଲ ହେବା, ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧ ପରିକର ହେବା ଉଚିତ୍ ବୋଲି ପରାମର୍ଶ ଦେଇଥଲେ। ପରିଶେଷରେ ସଭାପତି ଉପସ୍ଥିତ ଥିବା ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଦଳକୁ ଫେରିଲେ ମୋକିମ୍, ଚିରଞ୍ଜୀବ

# କୃଷ୍ଣ ସଗରିଆଙ୍କ ଉପରୁ ହଟିଲା ବହିଷ୍କାର

**ଭୁବନେଶ୍ୱର, ୨୩।୧(ସମିସ):** କଂଗ୍ରେସର ୩ ହେଭିୱେଟ୍ ନେତା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଳ ପକ୍ଷରୁ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ହଟାଇ ଦିଆଯାଇଥିବା ବେଳେ କୋରାପୁଟର ପୂର୍ବତନ କଂଗ୍ରେସ ବିଧାୟକ କୃଷ୍ଣ ସଗରିଆଙ୍କ ଉପରୁ ମଧ୍ୟ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି। ଏହି ନିର୍ଦ୍ଦେଶନାମା ଦ୍ୱାରା ପୁନର୍ବାର ଏହି ୩ ନେତା ଦଳକୁ ଫେରିଛନ୍ତି। ମଙ୍ଗଳବାର ରାଜ୍ୟ ପିସିସି ପ୍ରଭାରୀ ଡ. ଅଜୟ କୁମାର ସାମ୍ବାଦିକ ସମ୍ମିଳନୀରେ ଦଳର ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହିତ ପୂର୍ବଭଳି ଏହି ନେତା ଦଳକୁ ମଝଭୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

କଂଗ୍ରେସର ଏହି ନିଷ୍ପତ୍ତି ପରେ ଉଭୟ କୃଷ୍ଣ ସଗରିଆ ଓ ବିଧାୟକ ମହମ୍ମଦ ମୋକିମ୍ ଖୁସିବ୍ୟକ୍ତ କରିବା ସହ ସେମାନେ କଂଗ୍ରେସ ସହ ଥଲେ ଓ ରହିବେ ବୋଲି କହିଛନ୍ତି। ଅଜୟ କୁମାର ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ମୋକିମ୍ ଓ ଚିରଞ୍ଜୀବୀ ତାଙ୍କୁ ସାକ୍ଷାତ କରିଥିଲେ। ଦୁଇ ନେତାଙ୍କ ସହ ଆଲୋଚନା ପରେ ପ୍ରଭାରୀ ଏହି ନିଷ୍ପତ୍ତି ନେଇଛନ୍ତି।

# ବିଧାୟକଙ୍କ ଜବା ଗ୍ରାମ ପରିଦର୍ଶନ

**ବୈପାରୀଗୁଡ଼ା, ୨୩।୧(ସମିସ):** କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମଙ୍ଗଳବାର ବୈପାରୀଗୁଡା ବ୍ଲକର ଲାଲଗଡ଼ ଭାବେ ପରିଚିତ ଦୁର୍ଗମ ଅଞ୍ଚଳ ଚିପାକୁର ପଞ୍ଚାୟତର ଜବା ଗ୍ରାମ ପରିଦର୍ଶନ କରିଛନ୍ତି। ଦିନେ ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ ଥିବା ଚିପାକୁର ପଞ୍ଚାୟତର ଜବା ଗାଁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ କ୍ରମେ ବିକାଶର ଶିଖରକୁ ଛୁଇଁଛି। ଏଠାକୁ ଯୋଗାଯୋଗ ସମ୍ଭବ ହୋଇପାରିଥିବା ବେଳେ ମଙ୍ଗଳବାର ବିଧାୟକ ଶ୍ରୀ ପଡାଲ ଜବା ଗାଁରେ ପହଞ୍ଚି ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଅଲେଖ ମହିମାଙ୍କ ମନ୍ଦିର ପାଇଁ ଶୁଭ ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ୍ୱର ମହୁରିଆ, ବିଧାୟକ ପ୍ରତିନିଧି ମନୋଜ ମହାପାତ୍ର, ବରିଷ୍ଠ କର୍ମୀ ଲମ୍ବୋଦର ଖରା, ହେମନ୍ତ ମହାପାତ୍ର, ଦାମ୍ବିକ ରାଓ, ସହ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।



# ଘରେ ଘରେ ଶଙ୍ଖ ଅଭିଯାନର ପ୍ରସ୍ତୁତି ବୈଠକ



**ଉମରକୋଟ,୨୩।୧(ସମିସ):** ନବରଙ୍ଗପୁର ଜିଲ୍ଲାର ଉମରକୋଟସ୍ଥିତ ନବରଙ୍ଗପୁର ସାଂସଦଙ୍କ ବାସଭବନଠାରେ ଘରେ ଘରେ ଶଙ୍ଖ ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ରୁନୁ ଜେନା ଓ ନବରଙ୍ଗପୁର ଜିଲ୍ଲାର ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଉମରକୋଟ ପୌରପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ପୌରପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଜେଡିର ବରିଷ୍ଠ ନେତା ଏବଂ ୧ ନଂ ୱାର୍ଡ କାଉନସିଲର ତପନ୍ ଦେବନାଥ , ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯୋଜନା କିପରି ଭାବରେ ଘରେ ଘରେ ପହଞ୍ଚି ପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କିପରି ଭାବରେ ଆହୁରି ଅଧିକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ସେଥିପାଇଁ ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା।

● ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

# ତେଲୁଗୁ ସିନେମା 'ଏକ୍ସଟ୍ରା ଅର୍ଡିନାରୀ ମ୍ୟାନ'କୁ ନିଷିଦ୍ଧ ଦାବି




**କୋରାପୁଟ/ପଟାଙ୍ଗି, ୨୩।୧ (ସମିସ):**

■ ସିନେମାରେ 'କୋଟିଆ'ର ମଳିନ ଛବି
■ ବିଭିନ୍ନ ମହଲରେ ପ୍ରତିକ୍ରିୟା

ତେଲୁଗୁ ସିନେମା 'ଏକ୍ସଟ୍ରା ଅର୍ଡିନାରୀ ମ୍ୟାନ୍'ରେ ଓଡ଼ିଶାର କୋଟିଆ ଗ୍ରାମପୁଞ୍ଜର ମଳିନ ଛବି ପ୍ରଦର୍ଶନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରକୁ ନିଷିଦ୍ଧ କରିବା ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ଆଜି ପାର୍ଟିର ଓଡ଼ିଶା ରାଜ୍ୟ କମିଟି ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ କୋଟିଆ ଗ୍ରାମପୁଞ୍ଜକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ସୁପ୍ରିମକୋର୍ଟରେ ମକଦ୍ଦମା ଚାଲିଥିବା ବେଳେ ଆନ୍ଧ୍ର ସରକାର, ଏହାର ରାଜନେତା ଓ ଚଳଚ୍ଚିତ୍ର ନିର୍ମାତାମାନେ ଓଡ଼ିଶା ତଥା ଓଡ଼ିଶାର ସଂସ୍କୃତିକ ନ୍ୟୁନ କରି ଦେଖାଇବାର ଅପଚେଷ୍ଟା କରି ଚାଲିଛନ୍ତି। ଗତ ଡିସେମ୍ବର ୮ରେ ଆନ୍ଧ୍ରର ବିଭିନ୍ନ ସିନେମା ହଲ୍‌ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ଏହାର ଏକ ଜ୍ୱଳନ୍ତ ଉଦାହରଣ। କୋଟିଆ ଅଞ୍ଚଳର ଛବିକୁ ଏହି ଚଳଚ୍ଚିତ୍ରରେ ନିଶା ବେପାରର ଏକ ପେଣ୍ଠସ୍ଥଳୀ ଭାବରେ ଦର୍ଶାଯିବା ସହ ଖଳନାୟକ ଏହି ଅଞ୍ଚଳର ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଓ ନିର୍ଯାତନା ଦେଉଥିବା ଦେଖାଯାଉଛି। ଏହା 'କୋଟିଆ' ଅଞ୍ଚଳର ସଂସ୍କୃତି ଓ ଏହାର ଜନସାଧାରଣଙ୍କ ଜୀବନଯାପନକୁ ନ୍ୟୁନ ତଥା ଗୌଣ କରିବା ସହିତ ଓଡ଼ିଶାର ସଂସ୍କୃତି ପ୍ରତି ଉପହାସ ସୃଷ୍ଟି କରୁଛି। ତେଣୁ ଏହି ଚଳଚ୍ଚିତ୍ରକୁ ତୁରନ୍ତ ସିନେମା ହଲ୍‌ରୁ ଓ ଓଟିଟି ପ୍ଲାଟଫର୍ମରୁ ନିଷିଦ୍ଧ କରାଯାଉ ବୋଲି ଶ୍ରୀ ବେହେରା ଅନୁରୋଧ କରିଛନ୍ତି।

ସିନେମାର କାହାଣୀ ଅନୁସାରେ, ନାୟକ ଜଣେ ଅଭିନେତା ହେବାକୁ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଭେଟିଥିବା ସମୟରେ ଦୁଇ ରାଜ୍ୟର ସୀମା ବିବାଦ ଉପରେ ଆଲୋଚନା କରାଯାଉଛି। ଏଥିରେ ରହିଛି କୋଟିଆର କାହାଣୀ। ସ୍ୱାଧୀନତା ପୂର୍ବରୁ ଏହି ଗାଁଟି ଓଡ଼ିଶାରେ ରହିଥିବା ବେଳେ ସ୍ୱାଧୀନତା ପରେ କିଭଳି ଆନ୍ଧ୍ର ଅଧୀନକୁ ଚାଲିଆସିଛି। ଫଳରେ ମାମଲାଟି କୋର୍ଟରେ ବିଚାରଧୀନ ରହିଛି। ଏପଟେ ଗାଁର ଉନ୍ନତି ହୋଇ ପାରିନାହିଁ। ସେହିପରି କୋଟିଆବାସୀଙ୍କ ସରଳତାର ସୁଯୋଗ ନେଇ ଖଳନାୟକ କିଭଳି ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର କରିବା ସହ ନିର୍ମମ ଭାବେ ହତ୍ୟା କରୁଛନ୍ତି, ତାହା ମଧ୍ୟ ଦର୍ଶାଯାଇଛି। ତେବେ ସିନେମାଟି ଯଦିଓ କାଳ୍ପନିକ ବିଷୟକୁ ନେଇ ନିର୍ମାଣ କରାଯାଇଛି କିନ୍ତୁ, ଯେଉଁଭଳି ଭାବେ କୋଟିଆ ଏବଂ କୋଟିଆବାସୀଙ୍କର ଛବିକୁ ଦର୍ଶାଯାଇଛି ତାହାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଭେଙ୍କଟମ ଭାମ୍‌ସିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାରେ ଅଭିନେତା ନିତିନ୍ ଓ ଅଭିନେତ୍ରୀ ଶ୍ରୀଲିଲା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।



# କୋଟପାଡ଼ରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଚାନ୍ଦିଲି,୨୩।୧(ସମିସ)**

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନ ଅବସରରେ କୋଟପାଡ଼ ବିଜୁ ପଟନାୟକ ପାଠାଗାର ପରିସରରେ ମଙ୍ଗଳବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ାଙ୍କ ସମେତ ବିଜୁ ଜନତା ଦଳର ସଦସ୍ୟ ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ବିଶେଷ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ପରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ପାଠାଗାରର ସଭାପତି ପଙ୍କଜ କୁମାର ପାତ୍ର, ସମ୍ପାଦକ ବିରେନ ବିଶୋଇଙ୍କ ସହିତ ଏମ୍ ଡି ସଲିମ, ପ୍ରଶାନ୍ତ ପଟ୍ଟନାୟକ, ଈଶ୍ୱର ମହାନ୍ତି, ତପନ ପାଣିଗ୍ରାହୀ, ସାଗର ପାତ୍ରଙ୍କ ସମେତ ସମସ୍ତ କମିଟି ସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।

